ପରମାର୍ଥୀ~~~~~ P.O. Regn. No. CK(C)-51/2019-2021

ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ

ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ॐ ପରମାର୍ଥୀ ॐ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂମ୍ଭୃତମ୍ ।
ପୁନନ୍ତି ତେ ବିଷୟ ବିଦୁଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

୭୪ ବର୍ଷ ଗୌରାବ୍ଦ ୫୩୪ ଆଷାଢ଼ ପୂର୍ଣ୍ଣମା - ଜୁଲାଇ - ୨୦୨୦ ସଂଖ୍ୟା ୫

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଗୁରୁ ତ୍ୟାଗୀ, ଗୁରୁ ଭୋଗୀ, ଗୁରୁ ସେବୀ | ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର | ୬ |
| ୩- ଶ୍ରୀଳ ଗୁରୁଗୋସ୍ୱାମୀଙ୍କ ଉତ୍କଳ ପ୍ରଚାର ପ୍ରସଙ୍ଗ | ଶ୍ରୀ ଋଷି ଦାସ (ରିତୁରଞ୍ଜନ ଛୋଟରାୟ) | ୮ |
| ୪- ଏ ବର୍ଷର ରଥଯାତ୍ରା ଦର୍ଶନ | ଶ୍ରୀ ପଦ୍ମନେତ୍ର ଦାସ (ପ୍ରହ୍ଲାଦ) | ୧୦ |
| ୫- ପ୍ରଳୟ | ସଦାଶିବ ପଣ୍ଡା | ୧୨ |
| ୬- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୪ |
| ୭- ଶ୍ରୀ ଚୈତନ୍ୟଙ୍କ ଭକ୍ତି ଆନ୍ଦୋଳନକୁ ଓଡ଼ିଶାର ଦାନ | ଶ୍ରୀ ଜାହ୍ନବୀ ଜୀବନ ଦାସ | ୧୬ |




# ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା

**ବିଷୟ - ଭାଗବତ-ଧର୍ମାନୁଶୀଳନହିଁ ମାନବ ଜୀବନର ଉଦ୍ଦେଶ୍ୟ**

**"ଶ୍ରୀ ବସୁଦେବ ଓ ନାରଦ-ସଂବାଦ"**

ସ୍ଥାନ - ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩ (ଇଂ. ୧୧/୧/୬୦)

(ପୂର୍ବ ପ୍ରକାଶନ ଉତ୍ତାରୁ....)

ଶ୍ରୀ ବସୁଦେବ ଜୀବନେ କୃତାର୍ଥ ଲାଭକରି ମଧ୍ୟ ଦେବର୍ଷି ନାରଦଙ୍କୁ ଭାଗବତ ଧର୍ମ ସମ୍ବନ୍ଧେ କିଛି କହିବାକୁ ଅନୁରୋଧ କଲେ । ତାଙ୍କର ଏ ରକମ ପ୍ରଶ୍ନର କୌଣସି କାରଣ ନ ଥାଇପାରେ । କାରଣ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ତାଙ୍କ ଗୃହେ ପୁତ୍ରରୂପେ ଅବତୀର୍ଣ୍ଣ । ଶ୍ରୀ ବସୁଦେବ ବାତ୍ସଲ୍ୟ ପ୍ରେମରସରେ ବନ୍ଧନେ ନିଖିଳ ମଙ୍ଗଳନିଳୟ ଶ୍ରୀକୃଷ୍ଣଙ୍କୁ

ବଶୀଭୂତ କରିଛନ୍ତି । ସୁତରାଂ ଶ୍ରୀ ବସୁଦେବ ଭାଗବତ ଧର୍ମ ସମ୍ବନ୍ଧେ ସମ୍ୟକରୁପେ ଅବଗତ ଅଛନ୍ତି । ତଥାପି ଏ ଧରଣର ପ୍ରଶ୍ନ କଲେ କାହିଁକି ?

ଶ୍ରୀଧର ସ୍ୱାମୀପାଦ, ଶ୍ରୀଳ ଜୀବଗୋସ୍ୱାମୀ ପାଦ ଓ ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀ ମହାଶୟ ଏହାର ଉତ୍ତର ଦେବାପାଇଁ ଚେଷ୍ଟା କରିଛନ୍ତି ଶ୍ରୀ ବସୁଦେବ ଆର୍ତିକ୍ଲିଷ୍ଟ ମର୍ତ୍ତ୍ୟ-ଜନଗଣଙ୍କର ନିତ୍ୟ ମଂଗଳ ନିମିତ୍ତ ଦେବର୍ଷି ନାରଦଙ୍କୁ ଏ ଧରଣର ପ୍ରଶ୍ନ କରିଥିଲେ । ଶ୍ରୀନାରଦ ଭାଗବତ ଧର୍ମ ସମ୍ବନ୍ଧେ ଯାହା କହିଲେ, ତାହା ଗ୍ରନ୍ଥ ଭାଗବତରୂପେ ଜଗତରେ ପ୍ରକାଶିତ ହୋଇ ପାପତାପ ଦଗ୍ଧ ମାନବକୁ ନିତ୍ୟ ବାସ୍ତବ ମଙ୍ଗଳ ପଥରେ ପରିଚାଳିତ କରିବ । ଗ୍ରନ୍ଥରୁ ଏ କାହାଣୀ ଖାଲି ଶ୍ରବଣ କରିଲେ, ଜୀବଜଗତର ମଂଗଳ ଅନିବାର୍ଯ୍ୟ । ଉପରନ୍ତୁ ଯେଉଁମାନେ ଭାଗବତ ଧର୍ମ ଜୀବନରେ ଅନୁଶୀଳନ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ପାଇଁ କଥାଇ ତ ନାହିଁ; ଅର୍ଥାତ ସେମାନଙ୍କର ମଙ୍ଗଳ ହେବହିଁ ହେବ ।

ଭାଗବତ ଧର୍ମ ଅନୁଶୀଳନ ଛଡ଼ା ମାନବଜୀବନ ବ୍ୟର୍ଥ :-

ମାନବଜୀବନ ଏଇ ଭାଗବତ ଧର୍ମ ଅନୁଶୀଳନ ଛଡ଼ା ସମ୍ପୂର୍ଣ୍ଣ ବ୍ୟର୍ଥ ଜୀବନରେ ବିରାଟ ପାଣ୍ଡିତ୍ୟ, ଅସୀମ ଧନ କିମ୍ବା ଭୁବନଭରା ଯଶ ଅର୍ଜନ କରିଲେ ମଧ୍ୟ ତାର ମନୁଷ୍ୟ ଜୀବନ ସାର୍ଥକ ହୋଇଛି :- ଏକଥା କୁହାଯାଏନା କାରଣ ଭାଗବତ ଧର୍ମଶୁନ୍ୟ ଜୀବନ ଏକ ବିରାଟ Failure ( ପରାଜୟ), ଏ ଶୁନ୍ୟତା, ଏ ବ୍ୟର୍ଥତା କୌଣସି ବସ୍ତୁ ଦେଇ ପୂର୍ଣ୍ଣ କରାଯାଏନା । University ( ବିଶ୍ୱବିଦ୍ୟାଳୟ)-ର ଉଚ୍ଚତମ ଡ଼ିଗ୍ରୀ, ଅପ୍ସରୀ ପରି ରୂପ ସୌନ୍ଦର୍ଯ୍ୟ, କୁବେର ଭଳି ମତବିତ୍ତ ମାନବ ଜୀବନରେ ଶାନ୍ତି ଆଣି ପାରେନା । ଯଦି କୌଣସି ମାନବ ଶାନ୍ତି ଚାହେଁ, ତାହେଲେ ତାକୁ ଭାଗବତ ଧର୍ମ ଯାଜନ କରିବାକୁ ହେବ । ପରମାରାଧ୍ୟତମ ଶ୍ରୀଲ ପ୍ରଭୁପାଦଙ୍କର ବାଣୀମନେ ପଡ଼ୁଛି, ସେ କହିଛନ୍ତି - ପୃଥିବୀର ସମସ୍ତ ଲାଇବ୍ରେରୀରେ ଜ୍ଞାନ-ବିଜ୍ଞାନ, କଳାଶିଳ୍ପ, ଇତିହାସ, ଭୂଗୋଳ ଇତ୍ୟାଦି ଯେତେ ପୁସ୍ତକ ଅଛି, ତା ଯଦି ସମସ୍ତ ବିନିଷ୍ଟ ହୁଏ; ତା'ହେଲେ ପୃଥିବୀର ବିଶେଷ କିଛି କ୍ଷତି ହେବନାହିଁ; କୌଣସି ଅମଙ୍ଗଳ ହେବନାହିଁ, ଯଦି ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଖଣ୍ଡିକ ଥାଏ । ସାହିତ୍ୟ, ବିଜ୍ଞାନ, ଇତିହାସ ପ୍ରଭୃତିର ସଙ୍ଗେ ଶ୍ରୀମଦ୍ ଭାଗବତର ତୁଳନା କରାଯାଏନା । କେବଳ ଜୀବଜଗତର ନୁହେଁ, ଏ ଭଳିକି ବୈକୁଣ୍ଠରେ ମଧ ଏଇ ଶ୍ରୀମଦ୍ ଭାଗବତ କୀର୍ତ୍ତିତ ହୁଏ; ଭାଗବତ ଧର୍ମ ବା ଭଗବତ୍-ପ୍ରେମ ଧର୍ମ ଗୀତ ଓ ଶ୍ରୁତ ହୁଏ ଆଜିକାର ଦିନରେ ଭାଗବତ ଧର୍ମର ଗୁରୁତ୍ୱ ଉପଲବ୍ଧ କରିବାର ସମୟ ଆସିଛି । ସମଗ୍ରବିଶ୍ୱରେ ଜଡ଼ ବିଜ୍ଞାନର ମତ୍ତତାର ବିରାଟ ଅଭିନୟ ଚାଲିଛି, ରାଜନୈତିକ ନେତାଗଣଙ୍କ ମୁଖେ ବିଶ୍ୱଶାନ୍ତିର ବାଣୀ ଅର୍ଥହୀନ ପ୍ରଳାପ ଛଡ଼ା ଆଉକିଛି ନୁହେଁ, ବାହାରେ ଶାନ୍ତିର ଲଳିତ ବାଣୀ, ଅନ୍ତରେ ହିଂସା ଓ ଯୁଦ୍ଧର ଗୋପନ ପ୍ରସ୍ତୁତି ଏଇ ହାହାକାର ମଝିରେ ଶୁଣାଯାଏ ଆଶାର ବାଣୀ, ଦେଖାଯାଏ ଆଲୋକ ଶିଖା ଯଦି ସମସ୍ତ ବିଶ୍ୱ ଶାନ୍ତିରେ ବସବାସ କରିବାକୁ ଚାହେଁ, ତା'ହେଲେ ବିଶ୍ୱ ମାନବକୁ ଭାଗବତ ଧର୍ମ ଆଲୋଚନା, ତାର ପ୍ରଚାର ଓ ଅନୁଶୀଳନ ଭୁଲିଯିବା ସ୍ମୃତିର ଦୁଆରେ ଆଘାତ ଦିଏ; ତେଣୁ ଜୀବର ଦୁଃଖ ବେଦନାରେ ଭକ୍ତର ପ୍ରାଣ କାନ୍ଦେ ଯେଉଁ ଭକ୍ତ ଭଗବାନଙ୍କୁ ପାଇଛନ୍ତି, ତାଙ୍କୁ ଜାଣିଛନ୍ତି, ସେ ତାଙ୍କର ବୈଶ୍ୟ ଭଗବାନ ଭକ୍ତବତ୍ସଳ, ତେଣୁ ସେ ଭକ୍ତାଧୀନ ଭକ୍ତର କାତର କ୍ରନ୍ଦନେ, ବ୍ୟାକୁଳ ଆହ୍ୱାନେ ଗୋଲୋକ ବିହାରୀ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ସ୍ଥିର ରହିପାରନ୍ତିନାହିଁ । ଭକ୍ତର ପ୍ରାଣଭରା ଡ଼ାକରେ ସେ ବୈକୁଣ୍ଠ ଛାଡ଼ି ମର୍ତ୍ତ୍ୟଲୋକକୁ ଓହ୍ଲାଇ ଆସି,

ସେ ଅଚିନ୍ତନୀୟ, ବାକ୍ୟ ମନର ଅତୀତ, ସୁମହାନ ଅଦ୍ୱିତୀୟ ପୁରୁଷ ଦ୍ୱିଭୁଜ ମୁରଲୀଧାରୀ ଭକ୍ତଡ଼ାକରେ ଧରାତଳେ ଅବତୀର୍ଣ୍ଣ ହୁଅନ୍ତି ଯୁଗେ ଯୁଗେ।

"କୃଷ୍ଣେର ଯତେକ ଖେଳା, ସର୍ବୋତ୍ତମ ନରଲୀଳା ନରବପୁ ତାହାର ସ୍ୱରୂପ।"- (ଶ୍ରୀ. ଚୈ.ଚ.ମ, ୨୧/୧୦୧)

ଭଗବାନଙ୍କୁ ଜାଣିବାକୁ ହେଲେ, ତାଙ୍କୁ ପାଇବାକୁ ହେଲେ ମହତର କୃପା ଭିନ୍ନ ଅନ୍ୟ ଉପାୟ ନାହିଁ।

"ନାନ୍ୟଃ ପନ୍ଥା ବିଦ୍ୟତେୟନାୟ।" - (ଶ୍ୱେତାଶ୍ୱତ୍ରୋପନିଷଦ୍ ୬/୧୫ )

ମହତଙ୍କର କୃପା ଅହୈତୁକୀ। ଭଗବାନ ଯେଉଳି ଦୟାର ଠାକୁର - ଭକ୍ତ ମଧ୍ୟ ସେଭଳି ଅହୈତୁକୀ କୃପାମୟ ଭଗବାନ ଯେପରି କରୁଣାମୟ, ପ୍ରେମମୟ, ଆନନ୍ଦମୟ ଓ ସଚ୍ଚିଦାନନ୍ଦ ବିଗ୍ରହ - ଭକ୍ତ ମଧ୍ୟ ଠିକ ସେହିଭଳି, ତେଣୁ ମହତ ଅତିବଡ଼ ପାଷଣ୍ଡକୁ ମୁହୂର୍ତ୍ତକ ମଧ୍ୟେ କୃପାବାରି ବର୍ଷଣ କରି ଚିରଶାନ୍ତି ଧାମରେ ପହଞ୍ଚାଇ ଦେଇପାରେ। ମହାଜନଙ୍କ କୃପାର ପଲକମାତ୍ରେ ପ୍ରଳୟ ହୋଇପାରେ ଉଦାହରଣ ଦ୍ୱାରା ଏହା ସ୍ପଷ୍ଟଭାବେ ଉପଲବ୍ଧି କରାଯାଏ।

ଦେବର୍ଷିନାରଦ ଅମଳ ହରିନାମ କୀର୍ତ୍ତନ କରି କରି ବନପଥ ଧରି ଚାଲିଛନ୍ତି - ତଦ୍‌ଗତପ୍ରାଣେ କୁବେର ପୁତ୍ର ଦ୍ୱୟ ଯମଳାର୍ଜୁନ ସେତେବେଳେ ନାରୀପ୍ରେମେ ଉନ୍ମତ୍ତ। ଶ୍ରୀନାରଦଙ୍କ ସୁମଧୁର ବୀଣାର ଝଂକାର ଶୁଣି ବିବସନା ନାରୀ ହେଲେ ହେଁ ସନ୍ତ୍ରସ୍ତଭାବେ ଲୁଗାପିନ୍ଧି ପକାଇଲେ; "ତୋଦେର ବୃକ୍ଷ-ଯୋନି ପ୍ରାପ୍ତ ହୋକ" ବୋଲି କୁବେରପୁତ୍ରଦ୍ୱୟଙ୍କୁ ଶାପ ଦେଲେ ସେତେବେଳେ ସେମାନେ ନାରଦଙ୍କ ପାଦତଳେ ପଡ଼ିଯାଇ କହିଲେ - ଆମର ମୁକ୍ତି ହେବ କେବେ ? ଦେବର୍ଷି ନାରଦ କହିଲେ:- "ଶ୍ରୀକୃଷ୍ଣନନ୍ଦ ଗୃହେ ଜନ୍ମଗ୍ରହଣ କରିଲେ ତୁମର ମୁକ୍ତିହେବ। କଠିନ ଜଡ଼ ବନ୍ଧନରେ ବଦ୍ଧ ମାନବ ସମାଜକୁ ଭାଗବତ ଧର୍ମଛଡ଼ା ଅନ୍ୟ କୌଣସି ଧର୍ମ ପ୍ରକୃତ ମଂଗଳ ବା ବିମଳ ଆନନ୍ଦ ଦାନ କରିପାରେନା । ବିଂଶ ଶତାବ୍ଦୀର ଜଡ଼ ନାସ୍ତିକ୍ୟ-ବୁଦ୍ଧି ନିକଟରେ ଭାଗବତଧର୍ମର ବାଣୀ ପହଁଚାଇ ଦେବା ମହାଜନଗଣଙ୍କର ଏକମାତ୍ର କାର୍ଯ୍ୟ। ଏହାହିଁ ସେମାନଙ୍କର ସେବା - ଏହାହିଁ ସେମାନଙ୍କର ପୂଜା ଓ ଧ୍ୟାନ । ଜୀବନରେ କୃତାର୍ଥତା ଲାଭ କରିବାକୁ ହେଲେ ଭାଗବତ ଧର୍ମର ଅନୁଶୀଳନ କରିବାକୁ ହେବ । ଏ ଜୀବନରେ ଭଗବାନଙ୍କୁ ଜାଣିବାକୁ ହେବ, ତାଙ୍କୁ ହୃଦୟ ଆସନରେ ପ୍ରତିଷ୍ଠିତ କରିବାକୁ ହେବ।

ମଣିଷ ତୁଚ୍ଛ ଜଡ଼ବିଦ୍ୟା ଅର୍ଥ ଓ ପ୍ରତିଷ୍ଠା ଅର୍ଜନ କରିବାକୁ ଯେ କଷ୍ଟ ସ୍ୱୀକାର କରେ, ତା ଠାରୁ କମ କଷ୍ଟରେ ଭଗବାନଙ୍କୁ ପାଇହୁଏ ଜାଗତିକ କୌଣସି ବିଦ୍ୟାର ଅଧିକାରୀ ନ ହୋଇ ମଧ୍ୟ ଜୀବନରେ ସର୍ବକୃତାର୍ଥତା ଲାଭ କରାଯାଏ। ନିରକ୍ଷର ବ୍ୟକ୍ତିର ମଧ୍ୟେ ଓ ଭାଗବତ ଧର୍ମେ ସୁପ୍ରତିଷ୍ଠିତ ମହାଜନ ଅଛନ୍ତି; ଯାହାଙ୍କର ପୂଣ୍ୟପାଦଧୂଳିରେ ଆମ୍ଭମାନଙ୍କର ଏ ଜୀବନ ସାର୍ଥକତାରେ ଭରି ଉଠେ। ଗୋସ୍ୱାମୀ ବର୍ଗଙ୍କ ମଧ୍ୟରେ ଏଭଳି ସିଦ୍ଧ ମହାପୁରୁଷ ଅଛନ୍ତି ଯାହାଙ୍କର ଆଶୀର୍ବାଦ ଛଡ଼ା ଆମ୍ଭମାନଙ୍କର ଭଗବତ ପ୍ରାପ୍ତି ଅସମ୍ଭବ। ସେମାନଙ୍କ ମଧ୍ୟରୁ କିଏ ହୁଏତ ନିରକ୍ଷର ସୁତରାଂ ଜୀବନେ ପରମ ମଙ୍ଗଳ ଲାଭ କରିବାକୁ ହେଲେ ଜଡ଼ ବିଦ୍ୟାର ଏକାନ୍ତ ପ୍ରୟୋଜନ ଅଛି - ଏ ପରି ନୁହେଁ।

**ମହାଜନଙ୍କର କୃପାରେ ହିଁ ଭଗବଦ ପ୍ରାପ୍ତି :**

ଭଗବାନଙ୍କୁ ପାଇବାକୁ ହେଲେ ଭକ୍ତର କୃପାହିଁ ପ୍ରଥମେ ପ୍ରୟୋଜନ। ମହତଙ୍କର କୃପାବିନା ଭଗବତ ପ୍ରେମ ଅନୁଭବ କରାଯାଏନା। କାରଣ ଭଗବାନ ଚିନ୍ମୟ, ନିତ୍ୟ ସୁଖ-ବୋଧ ତନୁ । ସେଠାରେ ମରଜୀବନର ଦୁଃଖଜ୍ୱାଳା ଯନ୍ତ୍ରଣା ପହଞ୍ଚେନା। କିନ୍ତୁ ଭକ୍ତର ଅନ୍ତରେ ଆର୍ତ୍ତକ୍ଲିଷ୍ଟ ଜୀବର ବେଦନା "ଦୋଳା ଦେୟ"।

=====

# ଗୁରୁ ତ୍ୟାଗୀ, ଗୁରୁ ଭୋଗୀ ଓ ଗୁରୁ ସେବୀ

**ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର**



ପୂର୍ବ ପ୍ରକାଶିତ ପରେ....

ପରମାର୍ଥ ପଥର ଯାତ୍ରୀଗଣ ସମସ୍ତେ ହିଁ ଗୁରୁପଦାଶ୍ରୟ କରିଥାଆନ୍ତି । ଏଇ ଗୁରୁ ପଦାଶ୍ରୟ ବିଷୟଟି ଶାସ୍ତ୍ରସମ୍ମତ ଏବଂ ଅତ୍ୟନ୍ତ ଆବଶ୍ୟକ । ଆନୁଷ୍ଠାନିକ ଭାବେ ମନ୍ତ୍ର ଗ୍ରହଣ ଦ୍ୱାରା 'ଗୁରୁପଦାଶ୍ରୟ' କାର୍ଯ୍ୟଟି ସ୍ୱୀକୃତ ହୁଏ ଠିକ୍ କିନ୍ତୁ ଏହା ଦ୍ୱାରା ଯେଉଁ ସମ୍ବନ୍ଧ ତିଆରି ହୁଏ ତାହା ନିତ୍ୟ, ଅପ୍ରାକୃତ ଓ ଭଗବତ୍ ରାଜ୍ୟକୁ ଫେରି ଯିବାର ସୂଚନା ସ୍ୱରୂପ । ଏହା ସାଧକର ସାଧନର ଏକ ନିତ୍ୟ ଅଙ୍ଗ । ଉକ୍ତ ଅଙ୍ଗ ମଧ୍ୟରେ ଗୁରୁ ଦେବଙ୍କ ଆନୁଗତ୍ୟ, ତାଙ୍କ ଚରଣରେ ଶରଣାଗତି, ତାଙ୍କ ନିକଟରୁ ଭକ୍ତି ଶିକ୍ଷା ଗ୍ରହଣ ଆଦି ବହୁ କଥା ଅନ୍ତର୍ଭୁକ୍ତ ରହିଅଛି । ଗୁରୁ ଶିଷ୍ୟର ସମ୍ବନ୍ଧ ପିତା-ପୁତ୍ରର ସମ୍ବନ୍ଧ ଠାରୁ ଅନେକ ବେଶୀ ଗୁଢ଼ ଏବଂ ତାତ୍ତ୍ୱିକ । ଗୁରୁ ଦେବଙ୍କର ନିତ୍ୟଦାସତ୍ୱ ଲାଭ କୃଷ୍ଣଙ୍କର ନିତ୍ୟ ସେବାଲାଭ ହିଁ ନାମାନ୍ତର ମାତ୍ର । କିନ୍ତୁ ଅନର୍ଥଗ୍ରସ୍ତ, ତତ୍ତ୍ୱଜ୍ଞାନ ହୀନ ସାଧକ ଗୁରୁ ପଦାଶ୍ରୟ ଅଙ୍ଗଟିର ବାସ୍ତବ ସ୍ୱରୂପ ବୁଝିନ ପାରି ପତିତ ହୁଅନ୍ତି ।ଫଳରେ ପ୍ରକୃତ ଗୁରୁସେବୀ ନ ହୋଇ ଗୁରୁତ୍ୟାଗୀ ବା ଗୁରୁଭୋଗୀ ହୋଇ ପଡ଼ନ୍ତି ।

ପ୍ରଥମତଃ ଗୁରୁତ୍ୟାଗୀ ବିଷୟଟି ଆଲୋଚନା କରାଯାଉଅଛି । ଗୁରୁଦେବ ଶିଷ୍ୟକୁ କେତେବେଳେ ହିଁ ତ୍ୟାଗ କରନ୍ତି ନାହିଁ । ଶିଷ୍ୟ ଅଜ୍ଞତାକ୍ରମେ ଗୁରୁଙ୍କୁ ତ୍ୟାଗ କରିଥାଆନ୍ତି । ଅର୍ଥାତ୍ ତାଙ୍କ ସଙ୍ଗ ତ୍ୟାଗ କରନ୍ତି ବା ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ହରି ଭଜନରେ ଉଦାସୀନ ହୁଅନ୍ତି । ଗୁରୁଦେବଙ୍କୁ ଗୁରୁ ବୋଲି ମାନିଲେ ମଧ୍ୟ ଯେତେବେଳେ ଆମ୍ଭେମାନେ ଗୁରୁଦେବଙ୍କ ଆଦେଶ ନିର୍ଦ୍ଦେଶ ଭଳି ଭଜନ କରିବାକୁ ଅଭିଳାଷୀ ନ ହୋଇ ଏ ବିଷୟରେ ଶିଥିଳତା ପ୍ରଦର୍ଶନକରୁ ସେତେବେଳେ ଏହା ଏକ ପ୍ରକାର ଗୁରୁ ତ୍ୟାଗୀର ଲକ୍ଷଣ ବୋଲି ଗଣ୍ୟ ହୁଏ । ଗୁରୁ ଦେବଙ୍କ ପ୍ରଦତ୍ତ ହରିନାମ ବା ଦୀକ୍ଷାଦି ମନ୍ତ୍ର ଜପ ବନ୍ଦ୍ କରି ଭଜନ ତ୍ୟାଗ କରି ଅଥବା ନିଜଗୁରୁଙ୍କୁ ତ୍ୟାଗ କରି ଅନ୍ୟ ଗୁରୁଙ୍କ ପ୍ରତି ଆକୃଷ୍ଟ ହୋଇ ଆଶ୍ରୟ ଗ୍ରହଣ କଲି ଅଥବା ଗୁରୁଦେବ ଗୁରୁଦେବ ହିଁ ରହିଲେ, ମୁଁ ସଂସାରରେ ମାତି ଭଜନ ବିଷୟରେ ଉଦାସୀନ ହେଲି, ଗୁରୁଦେବଙ୍କ ସହିତ ସମ୍ବନ୍ଧ ରଖିଲି ନାହିଁ - ଏଇସବୁ ଗୁରୁ ତ୍ୟାଗୀର ଲକ୍ଷଣ ।

ଆଉ ଏକ ଶ୍ରେଣୀର ଲୋକ ଅଛନ୍ତି ଯେଉଁମାନେ ଗୁରଭୋଗୀ । ଗୁରୁ ଧାରଣ କରି ଗୁରୁଙ୍କ ଆଶ୍ରୟ ବୁଝିବାର ଚେଷ୍ଟା ବା ସେଇ ଭାବରେ ଭଜନ କରିବାର ସ୍ପୃହା ନାହିଁ, କୌଣସି ଜାଗତିକ ସ୍ୱାର୍ଥ ନେଇ ଗୁରୁଙ୍କ ନିକଟକୁ ଆସୁଛନ୍ତି ବା ଗୁରୁଧାରଣର ଅଭିନୟ କରିଅଛନ୍ତି ମାତ୍ର, ଅନ୍ତରରେ ଭଜନ ସ୍ୱାର୍ଥ ଶୂନ୍ୟ ଓ ବାହାରେ ଗୁରୁଙ୍କର ପ୍ରିୟତା ବା ଗୁରୁଙ୍କ ଆନୁଗତ୍ୟ ପ୍ରଦର୍ଶନକାରୀ । ଏମାନେ ମଠରେ ଥାଆନ୍ତୁ ବା ନିଜଗୃହରେ ଥାଆନ୍ତୁ ଗୁରୁଙ୍କ ନିକଟରୁ ସୁବିଧା ଆଦାୟ ବା ପ୍ରତିଷ୍ଠା ଆଦାୟ କରିବାର ଅଭିଳାଷୀ ବା ଗୁରୁଦେବଙ୍କୁ ଆମେ କୃତାର୍ଥ କରିଅଛୁ ଏଇପରି ଅଭିମାନୀ । ଗୁରୁଦେବଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସଂସାରର ସୁଖ ସୁବିଧା ବିଷୟରେ ଆଦେଶ ନିର୍ଦ୍ଦେଶ ଆଶୀର୍ବାଦ ଆଦାୟ କରି ନେବାହିଁ

ଏମାନଙ୍କର କାମ । ପୁଅ-ଝିଅ-ନାତି , ନାତୁଣୀ ବା ପରିବାର ଶାନ୍ତି, ବ୍ୟବସାୟ ବାଣିଜ୍ୟର ଉନ୍ନତି କାମନାରେ ଗୁରୁଭକ୍ତି, ରୋଗ ଶୋକରୁ ନିବୃତ୍ତି ଇଚ୍ଛାରେ ଗୁରୁଧାରଣ - ଏ ସବୁହିଁ ଗୁରୁଭୋଗୀର ଲକ୍ଷଣ । ଏକମାତ୍ର ପରମାର୍ଥ ଲାଭ ଆଶାରେ ଗୁରୁଙ୍କ ସଙ୍ଗଧରି କାଙ୍ଗାଳ ହୋଇ ପଡ଼ିରହିବା ବ୍ୟତୀତ ଅନ୍ୟ ଯେତେ ପ୍ରକାର ଗୁରୁ ପଦାଶ୍ରୟର ଅଭିନୟକାରୀ ସମସ୍ତେ ହିଁ ଗୁରୁ ଭୋଗୀ ।

ଗୁରୁସେବୀ ଏହି ଦୁହିଁଙ୍କ ଠାରୁ ଭିନ୍ନ, ଏମାନେ ପ୍ରକୃତ ଗୁରୁ ଧାରଣ କରିଅଛନ୍ତି । ଗୁରୁକୃପାଲାଭ କରି ହରି ସେବା ଲାଭ ଉଦ୍ଦେଶ୍ୟରେ ଏମାନେ ସ୍ଥିର । ଜୀବନର ଶେଷ ପର୍ଯ୍ୟନ୍ତ, ଜନ୍ମ ଜନ୍ମ ଏଇ ଉଦ୍ଦେଶ୍ୟରେ "ଧାଇ ତବପାଛେ ପାଛେ" - ଏଇ ଭାବ ନେଇ ଭଜନରେ ଲିପ୍ତ ଥାଆନ୍ତି । ଏମାନେ ଗୁରତ୍ୟାଗୀ ବା ଗୁରୁଭୋଗୀଙ୍କ ମଧରେ ପଡ଼ନ୍ତି ନାହିଁ। ଅନେକ ଗୁରୁସେବୀ ହୋଇ ଆସନ୍ତି ଅପରାଧ ଫଳରେ ପରେ ଗୁରୁତ୍ୟାଗୀ ବା ଗୁରୁ ଭୋଗୀ ଦଳରେ ପଡ଼ିଯାଆନ୍ତି - ସେମାନେ ଦୁର୍ଭାଗା, ଗୁରୁଙ୍କ ଭାବ ବା ନିଜର ମଙ୍ଗଳ ବୁଝି ଉଠିପାରନ୍ତି ନାହିଁ । ଏମାନଙ୍କ ସଂଖ୍ୟା ହିଁ ଆଜି କାଲିବେଶୀ ।

ଗୁରୁ ସେବୀଙ୍କର ଅଲଗା କେତୋଟି ଲକ୍ଷଣ ଅଛି । ପ୍ରଥମତଃ ସେମାନେ ଗୁରୁଙ୍କୁ ନିଜ ବୁଦ୍ଧି ବା Brain ଦ୍ୱାରା ମାପିନେବାକୁ ଚେଷ୍ଟା କରନ୍ତି ନାହିଁ । ନିଜକୁ ଲଘୁ ଜ୍ଞାନ କରି ଗୁରୁ ବସ୍ତୁ ଲାଭ ନିମନ୍ତେ ହରି ହିଁ ଗୁରୁ ରୂପେ ଆମନିକଟରେ ଆବିର୍ଭୂତ ହୋଇଛନ୍ତି - ଏଇ ମାତ୍ର ଯାଣନ୍ତି । ଗୁରୁଙ୍କର ବାହ୍ୟ ରୂପ ଗୁଣର ବିଚାର ବା ଦୋଷର ବିଚାର ଭୁଲକ୍ରମେ ଓ ଏମାନଙ୍କ ମନରେ ଆସେନା । ଏମାନେ ଗୁରୁଙ୍କୁ ବୈକୁଣ୍ଠର ବସ୍ତୁ ଜାଣି ସମ୍ଭ୍ରମର ସହିତ ଆନୁଗତ୍ୟ କରନ୍ତି । ଦ୍ୱିତୀୟତଃ ଗୁରୁଙ୍କୁ ବରଣ କରିବାର ଉଦ୍ଦେଶ୍ୟ ପରମାର୍ଥ ଧନ ଲାଭ ବା ଭକ୍ତିଲାଭ ବା ସେବା ଲାଭ ନିମନ୍ତେ । ଅନ୍ୟ କୌଣସି ଅଭିଳାଷ ଭୁଲକ୍ରମେ ଏମାନଙ୍କ ମନରେ ସ୍ଥାନ ପାଏନା । ଯଦି କେତେ ବେଳେ ମନ ମଧରେ ଏପରି ଭାବ ଆସି ଉପସ୍ଥିତ ହୁଏ ସଙ୍ଗେ ସଙ୍ଗେ ତାଙ୍କୁ ଏମାନେ ବାହାର କରିବାର ଯତ୍ନ କରନ୍ତି ଏବଂ ଏଭଳି କୁ-ଅଭିଳାଷ ନିମନ୍ତେ ନିଜକୁ ଧିକ୍କାର କରନ୍ତି । ତୃତୀୟତଃ ସେମାନେ 'ଗୁରୁଦେବାତ୍ମା' ହୋଇ ସେବା କରନ୍ତି ବା ଭଜନ କରନ୍ତି । ଭକ୍ତି ପଥର ଏଇ ଏକ Secret (ଗୋପନୀୟତା) ଗୁରୁ ଦେବ ହିଁ ଆମ୍ଭମାନଙ୍କର ଦେବତା ବା ଈଶ୍ୱର ଏବଂ ଆତ୍ମା ବା ପ୍ରିୟ । ତାଙ୍କୁ ନେଇ ଆମ୍ଭମାନଙ୍କର ପରମାର୍ଥ ସିଦ୍ଧି, ସେ ହିଁ ଆପଣାର ଲୋକ, ପ୍ରିୟଜନ । ଆଉ ଏ ସଂସାରରେ କେହି ବନ୍ଧୁ ନୁହନ୍ତି । ଗୁରୁଦେବ ଆମର ସୁଖ-ଦୁଃଖ, ଭଲ-ମନ୍ଦ ସବୁ ବିଚାର କରିବେ । ଆମର ଭକ୍ତି ପଥର କଣ୍ଟା ଗୁଡ଼ିକୁ ସେ ବାହାର କରିଦେବେ - ଏହିପରି ଭାବ ଯୁକ୍ତ ହୋଇ ଭଜନ କରିବେ ।

ଏହିପରି ଗୁରୁସେବୀ ଭକ୍ତଗଣ ଗୁରୁଦେବଙ୍କ ନିକଟରୁ କେତେବେଳେ ବଞ୍ଚିତେ ହୁଅନ୍ତି ନାହିଁ । କିଛି ନା କିଛି ଭକ୍ତି ଧନ ସଂଗ୍ରହ କରି କୃତାର୍ଥ ହୁଅନ୍ତି ।

❋❋❋

---

**ଯେଉଁ 'ପରମାର୍ଥୀ' ଗ୍ରାହକ ବନ୍ଧୁମାନେ ବାର୍ଷିକ ଭିକ୍ଷା ପଇଠ କରୁନାହାଁନ୍ତି ବା କିଛି ସମ୍ବନ୍ଧ ରଖୁନାହାନ୍ତି, ସେମାନଙ୍କୁ ଆମ୍ଭେ ବାଧ ହୋଇ ପତ୍ରିକା ପଠାଇବା ବନ୍ଦ କରିଦେବୁ ।**

**ଏ ବର୍ଷ 'କରୋନା' ମହାମାରୀ ଯୋଗୁଁ ଅଗଷ୍ଟ ମାସ ୧୨ ତାରିଖରେ ପଡୁଥିବା ଶ୍ରୀକୃଷ୍ଣ ଜୟନ୍ତୀ ମହୋତ୍ସବ ସେତେ ଆଡ଼ମ୍ବର ସହକାରେ ପାଳିତ ହେବ ନାହିଁ। କାରଣ ସରକାରଙ୍କ କଟକଣା ନିୟମ ଦୃଷ୍ଟିରୁ କେବଳ ବିଧିରକ୍ଷା କରାଯାଇ ତିଥି ପାଳନ କରାଯିବ। - ମ୍ୟାନେଜର 'ପରମାର୍ଥୀ'**

# ଶ୍ରୀଲ ଗୁରୁଗୋସ୍ୱାମୀଙ୍କ ଉତ୍କଳ ପ୍ରଚାର ପ୍ରସଙ୍ଗ

**ଉପସ୍ଥାପନା - ଶ୍ରୀ ଋଷି ଦାସ (ରିତୁରଞ୍ଜନ ଛୋଟରାୟ)**

ସାରା ବିଶ୍ୱକୁ କରୋନା ମହାମାରୀର କରାଳ ଆକ୍ରାନ୍ତ ଥିବା ବେଳେ ସାରା ଭାରତ Shut Down ଓ Lock Down ଥିବାବେଳେ ଭକ୍ତ ଓ ଭଗବାନଙ୍କର ବିଚ୍ଛେଦକୁ ସହି ନ ପାରି କିପରି କ୍ରନ୍ଦନ କରି କରି ରାତ୍ରିରେ ନିଦ୍ରା ନ କରି ଭକ୍ତଭାବୁଥାଏ କିପରି ମିଳନ ହେବ । ଏହା ଘଟିଛି ଗୌଡ଼ୀୟ ମିଶନର ଆଚାର୍ଯ୍ୟ ଓଁ ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀଳ ଭକ୍ତିସୁନ୍ଦର ସନ୍ୟାସୀ ମହାରାଜ ଏବଂ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ମଧ୍ୟରେ।

ଶ୍ରୀଲ ଗୁରୁଦେବଙ୍କ କ୍ରନ୍ଦନ ଥିଲା ଯେ ଶ୍ରୀଲ ଊର୍ଦ୍ଧ୍ୱଲୋମୀ ଗୋସ୍ୱାମୀ ଗୁରୁ ମହାରାଜ ରଥଯାତ୍ରାର ପୂର୍ବରୁ ଆସି ଶ୍ରୀକ୍ଷେତ୍ରଧାମରେ ରହି ଜଗନ୍ନାଥଙ୍କୁ ଦର୍ଶନ ପାଇଁ ରଥଯାତ୍ରାରେ ଦର୍ଶନ ସୌଭାଗ୍ୟ ପାଇ ଭକ୍ତମାନଙ୍କ ସହିତ ଆନନ୍ଦ ପାଇଥାନ୍ତି । ଏହି ମହାମାରୀ ସମୟରେ କ'ଣ ଏପରି ଅସମ୍ଭବ ହୋଇଯିବ କି ? ତେବେ ଜୀବନ ରଖି ଲାଭ କ'ଣ! ଯଦି ଜୀବନ ଯାଏ ତେବେ ଶ୍ରୀକ୍ଷେତ୍ରରେ ଯାଉ । ଜଗନ୍ନାଥ ମହାପ୍ରଭୁଙ୍କ ଧାମରେ ଦର୍ଶନ ମିଳୁ । ଏହାର ଉତ୍ତରରେ 'ହଁ କିଛି ଅସୁବିଧା ହେବନି ଆସିଲେ' ଶୁଣି ଗୁରୁଦେବ ବହୁତ ଖୁସି ହୋଇ ସେଦିନ ରାତ୍ରୀ ଶୟନ ଭଲ ଭାବରେ କରି ଶ୍ରୀକ୍ଷେତ୍ର ପୁରୀ ଆସିବା ପାଇଁ ଦିନ ସ୍ଥିର କଲେ ।

ସରକାରଙ୍କ ନିୟମ ଅନୁସାରେ ଗୁରୁଦେବ ଓ ତାଙ୍କ ସେବକମାନଙ୍କର COVID Test Kolkata ରେ କରାଗଲା ଏବଂ କଲିକତା ସରକାରଙ୍କଠାରୁ ଗୁରୁଦେବଙ୍କ ଯାନ ତଥା ଗୁରୁଦେବ ଓ ତାଙ୍କ ସେବକମାନେ ଆସିବାକୁ ଅନୁମତି ମିଳିଲା । ଠିକ୍ ୧୭/୫/୨୦ରିଖ ଭୋର ୪.୦୦ରୁ କଲିକତାରୁ ଯାତ୍ରା ଆରମ୍ଭ କରିଥିଲେ । କିନ୍ତୁ ଲକ୍ଷ୍ମଣ ନାଥ ଚେକ୍‌ଗେଟ୍‌ରେ କଲିକତାରୁ ଆସୁଥିବାରୁ ଏ ସମୟରେ ଓଡ଼ିଶାକୁ ପ୍ରବେଶ କରିବାକୁ ଗେଟ୍‌ରେ ମନା କଲେ । ମାତ୍ର ଜଗନ୍ନାଥଙ୍କ କୃପାରୁ ଓଡ଼ିଶା ଡିଜିଙ୍କ ଅନୁମତି କ୍ରମେ ସେଠାର IIC ଆସି କଟକ ଆସିବାକୁ ଅନୁମତି ଦେଇଥିଲେ ଏବଂ ଠିକ୍ ସେହିଦିନ ଅର୍ଥାତ ୧୭/୫/୨୦ରିଖ ଦିନ ୧୨ଟା ବେଳକୁ କଟକର ଶ୍ରୀ ସଚ୍ଚିଦାନନ୍ଦ ମଠରେ ପହଞ୍ଚି ଶିଷ୍ୟମାନଙ୍କୁ ଦେଖି ଆନନ୍ଦରେ ତାଙ୍କ ଗହଣରେ କୀର୍ତ୍ତନ ଆଦି କରି ଅପରାହ୍ନରେ ଗୌଡ଼ୀୟ ଦର୍ଶନ ଉପରେ ଆଲୋକପାତ କରି ରାତ୍ରି ଯାପନ କରିଥିଲେ । ପରଦିନ ୧୮.୫.୨୦ରିଖ ଦିନ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ COVID -19 Test କରି Home Quarentine ରେ ରହିବାକୁ ଅନୁମତି ଆଣି ଶ୍ରୀ ସଚ୍ଚିଦାନନ୍ଦ ମଠରେ ରହିଲେ । ପ୍ରତ୍ୟେକ ଦିନ ସକାଳୁ ସ୍ତବ ସ୍ତୁତି ଆଦି ପାଠ କରି ମନ୍ଦିର ଏବଂ ତାର ଆଖାପାଖ ମାର୍ଜନ କରି ତଥା ଫୁଲ ବଗିଚାର ସଫାସୁତୁରା ଓ ସଂରକ୍ଷଣ ଆଦି କରି ତଥା ଦିନ ୩.୩୦ରୁ ଭକ୍ତ ଓ ଶିଷ୍ୟମାନଙ୍କୁ ଗୌଡ଼ୀୟ ଦର୍ଶନ ଉପରେ ଦିଗ୍‌ଦର୍ଶନ ଦେଇ ଦର୍ଶାଇଥିଲେ ଯେ, ଏହା ହେଉଛି ତାତ୍ତ୍ୱିକ ଦର୍ଶନ । ଅର୍ଥାତ ଅନୁଭବ । ସେବନ ମୁଖ ବୃତ୍ତି ନେଇ ଦର୍ଶନ କରିବାକୁ ହିଁ ପ୍ରକୃତ ଦର୍ଶନ କୁହାଯାଏ । ଭଗବତ ରସିକ, କୃଷ୍ଣ ପ୍ରେମ ରସିକ, ବ୍ରଜ ରସ ରସିକ ଏମାନେ ଗୌଡ଼ୀୟ ।

ଏମାନଙ୍କ ଦର୍ଶନ ହିଁ ଗୌଡ଼ୀୟ ଦର୍ଶନ । ଯାହାକୁ ଗୋବିନ୍ଦ, ଗୋପୀନାଥ, ମଦନମୋହନ ଆତ୍ମସାତ କରିଛନ୍ତି । ସମ୍ବନ୍ଧ, ଅଭିଧେୟ, ପ୍ରୟୋଜନ ଅର୍ଥାତ କୃଷ୍ଣ, କୃଷ୍ଣ ଭକ୍ତି ଓ କୃଷ୍ଣ ପ୍ରେମ ଏହି ତିନି ତତ୍ତ୍ୱ ଜାଣିବାର ଯାହାର ପ୍ରୟାସ ଅଛି ସେ ହିଁ ଗୌଡ଼ୀୟ । ୨୭.୫.୨୦ରିଖ ଦିନ ଶ୍ରୀ ସଚ୍ଚିଦାନନ୍ଦ ମଠରେ ଗୁରୁପୂଜା ପାଳନ ହେଲା ଏବଂ ୧.୬.୨୦ରିଖ ଦିନ ସକାଳୁ ଗୁରୁଦେବ ଶ୍ରୀକ୍ଷେତ୍ର ପୁରୀସ୍ଥିତ ପୁରୁଷୋତ୍ତମ ମଠକୁ ଯାତ୍ରା କରିଥିଲେ । ପୁରୀ ମଠରେ ୪ ଦିନ ରହି ୫ ତାରିଖ ଦିନ ବ୍ରହ୍ମଗିରୀସ୍ଥିତ ଶ୍ରୀ ବ୍ରହ୍ମଗୌଡ଼ୀୟ ମଠ, ଅଲାରନାଥକୁ ଯାତ୍ରା କରି ସେଠାରେ ୫ ଦିନ ଭକ୍ତମାନଙ୍କ ସହିତ ଆନନ୍ଦ ଉତ୍ସବରେ ହରିକୀର୍ତ୍ତନ ମାଧ୍ୟମରେ ସମୟ ବିତିଗଲା । ମଝିରେ ମଝିରେ ଅଲାରନାଥ ଦେବଙ୍କ ମନ୍ଦିରର ପଛପଟ ଦ୍ୱାରରେ ପ୍ରବେଶ କରି ଶ୍ରୀ ଅଲାରନାଥ ଦେବଙ୍କ ଦର୍ଶନ କରି ଶ୍ରୀଳ ଗୁରୁଦେବ ଆତ୍ମହରା ହୋଇ ପଡୁଥାନ୍ତି । ଅଲାରନାଥ ମଠରେ ଗୁରୁ ପୂଜାର ପରଦିନ ପୁଣି ଶ୍ରୀ ପୁରୁଷୋତ୍ତମ ମଠକୁ ଯାତ୍ରା କରିଥିଲେ । ସେଠାରେ ଏକାଦଶୀ ଦିନ ଅର୍ଥାତ ୧୭.୬.୨୦ରିଖ ସକାଳୁ ଭକ୍ତମାନଙ୍କୁ ସଙ୍ଗରେ ଧରି କୀର୍ତ୍ତନ କରି ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ୪ ଥର ପରିକ୍ରମା କରି ଶ୍ରୀକ୍ଷେତ୍ର ପରିକ୍ରମା ଆରମ୍ଭ କରିଥିଲେ । ଏହାପରେ ପ୍ରତ୍ୟେକ ଦିନ ସକାଳୁ ଏବଂ ଅପରାହ୍ନରେ ଶ୍ରୀ ଗମ୍ଭୀରା, ଶ୍ୱେତଗଙ୍ଗା, ସିଦ୍ଧ ବକୁଳ ମଠ, ହରିଦାସ ଠାକୁର ସମାଧି ମନ୍ଦିର, ସାତାସନ ଭକ୍ତି ପୀଠ, ଜଗନ୍ନାଥ ବଲ୍ଲଭ, ଜମେଶ୍ୱର ଶିବ, ପରମାନନ୍ଦ ପୁରୀ କୂପ, ମହୋଦଧି ଆଦି ତୀର୍ଥସ୍ଥଳ ଭକ୍ତମାନଙ୍କ ସଙ୍ଗରେ ପରିକ୍ରମା କରି ୨୧.୬.୨୦ରିଖ ଦିନ ଶ୍ରୀ ପୁରୁଷୋତ୍ତମ ମଠରେ ଶ୍ରୀଳ ସଚ୍ଚିଦାନନ୍ଦ ଭକ୍ତି ବିନୋଦ ଠାକୁରଙ୍କ ୧୦୬ ତମ ବିରହ ତିଥି ପାଳନ କରାଗଲା । ମାନ୍ୟବର ସୁପ୍ରିମକୋର୍ଟ ରଥଯାତ୍ରା ବନ୍ଦ ହୋବ ନିର୍ଦ୍ଦେଶ ଶୁଣି ଗୁରୁଦେବ କାନ୍ଦି କାନ୍ଦି କାହା ସହିତ ବିଶେଷ କଥାବାର୍ତ୍ତା ନ କରି ଚୁପ ହୋଇ ନିଜ ଭଜନ କୁଟୀରରେ ମନଦୁଃଖରେ ରହୁଥାନ୍ତି । କିନ୍ତୁ ଆଶା ରଖିଥାନ୍ତି କି ଜଗନ୍ନାଥଙ୍କ ଘୋଷଯାତ୍ରା ନିଶ୍ଚିତ ହେବ । ୨୨/୬/୨୦ରିଖ ଗୁଣ୍ଡିଚା ମାର୍ଜନା ଦିନ ସକାଳୁ ଶିଷ୍ୟମାନଙ୍କୁ ସଙ୍ଗରେ ଧରି ଶ୍ରୀ ପୁରୁଷୋତ୍ତମ ମଠକୁ ମାର୍ଜନା କରୁଥାନ୍ତି । ହଠାତ୍ କୀର୍ତ୍ତନ ମାଧୁର୍ଯ୍ୟ ନ ପାଇ ପାରି କଟକ ଶ୍ରୀ ସଚ୍ଚିଦାନନ୍ଦ ମଠର ଶ୍ରୀପାଦ ପ୍ରହ୍ଲାଦ ପ୍ରଭୁଙ୍କୁ ଫୋନ କରି କହିଲେ ପ୍ରହ୍ଲାଦ ପ୍ରଭୁ ଆପଣଙ୍କ ଅନୁପସ୍ଥିତିରେ ଆମ୍ଭେ ଗୁଣ୍ଡିଚା ମାର୍ଜନାର କୀର୍ତ୍ତନ ଉପଭୋଗ କରିପାରୁନାହୁଁ । ଆପଣ କ'ଣ ଜଗନ୍ନାଥଙ୍କୁ କୀର୍ତ୍ତନ ଶୁଣାଇବେନି କି ? ଫୋନ ପାଇ ପ୍ରହଲ୍ଲାଦ ପ୍ରଭୁଙ୍କ ହୃଦୟରେ ଆଶାର ଆଲୋକ ଉଜ୍ଜୀବିତ ହେଲା । ଭାବିଥିଲେ ଜଗନ୍ନାଥଙ୍କ ରଥଯାତ୍ରା ତ ହବନି ପୁଣି Shut Down ଓ Lock Down ରେ କ'ଣ ପୁରୀ ଯିବି ? ହେଲେ ଫୋନ ପାଇ ଭାବିଲେ ନା ଏ ତ ଜଗନ୍ନାଥଙ୍କ ଡାକରା । ଗୁରୁଦେବଙ୍କ ମାଧ୍ୟମରେ ଆସିଛି । ଆଉ କାଳ ବିଳମ୍ବ ନ କରି ସେ ପୁରୀ ପଳାଇ ଆସିଲେ । ଦିନ ୧୨ଟା ବେଳକୁ ସୁପ୍ରିମ କୋର୍ଟ ରଥଯାତ୍ରା ହେବା ପାଇଁ ଅର୍ଡ଼ର ଦେଲେ । ସଙ୍ଗେ ସଙ୍ଗେ ଗୁରୁଦେବ ଶିଷ୍ୟମାନଙ୍କୁ ଧରି ପ୍ରଭୁପାଦଙ୍କ ଜନ୍ମସ୍ଥାନ ବଡ଼ଦାଣ୍ଡସ୍ଥିତ ଶ୍ରୀ ଚୈତନ୍ୟମଠକୁ ପଳାଇ ଆସିଲେ ସେଠାରୁ ଦିନ ୪ଟାରେ କିଛି ଶିଷ୍ୟଙ୍କୁ ନେଇ ଶ୍ରୀ ଗୁଣ୍ଡିଚା ମନ୍ଦରି ଆଗ ତଥା ଶ୍ରୀ ନୃସିଂହ ମନ୍ଦିର ଆଦି ମାର୍ଜନା କରି ଏବଂ କିଛି ଶିଷ୍ୟ ଇନ୍ଦ୍ରଦ୍ୟୁମ୍ନ ସରୋବର ସ୍ନାନ କରି ଚୈତନ୍ୟ ମଠକୁ ଫେରି ଆସିଲେ । ସନ୍ଧ୍ୟା ଆରତୀ ପରେ ଶ୍ରୀ ଗୁରୁଦେବ ଶ୍ରୀ ଚୈତନ୍ୟ ମଠରେ ସମାବେଶ ଭକ୍ତ ଓ ଶିଷ୍ୟମାନଙ୍କ ଗହଣରେ ହରିକଥା ଆଲୋଚନା କରିଥିଲେ ।

୨୩.୬.୨୦ ରିଖ କାଲୁ ଉଠି ମଙ୍ଗଳ ଆରତୀ ପରେ ଶ୍ରୀ ବଡ଼ଦାଣ୍ଡରେ ସ୍ତୁତି ଓ ସ୍ତୋତ୍ର ପାଠ କରି ରଥମାନଙ୍କ ଆଗରେ ଦଣ୍ଡବତ ପ୍ରଣାମ କରି ଶିଷ୍ୟମାନଙ୍କୁ କହିଲେ ଏହି ଚୈତନ୍ୟ ମଠର ଠିକ୍ ଆଗ ଗେଟ୍ ସାମନାର ଠିକ୍ ବାମ ପାର୍ଶ୍ୱରେ କିଛି ଫୁଲଗଛ କୁଣ୍ଡମାନଙ୍କୁ ଗୋଟିଏ କଡ଼କୁ ରଖି ସେ ଜାଗାଟିକୁ ସଫା କରିବାକୁ ଏବଂ କହିଲେ ରଥ ଆସିଲେ ଆମ୍ଭେ ଏହିଠାରେ ଛିଡ଼ା ହୋଇ ଜଗନ୍ନାଥଙ୍କର କୀର୍ତ୍ତନ କରିପାରିବା । ଠିକ୍ ସମୟରେ ପୋଲିସ ସହିତ ଲୁଚକାଳି ଖେଳି ସେହି ନିର୍ଦ୍ଦିଷ୍ଟ ଜାଗାରେ ବହୁ ଆନନ୍ଦରେ କୀର୍ତ୍ତନ କରି ଗୁରୁଦେବ ଦାରୁବ୍ରହ୍ମଙ୍କୁ ଆରତୀ କରୁଥାନ୍ତି । ବଳଭଦ୍ର ଏବଂ ସୁଭଦ୍ରାଙ୍କ ରଥ ବଡ଼ଦାଣ୍ଡର ଅପର ପାର୍ଶ୍ୱରେ ଅର୍ଥାତ ଟିକେ ଦୂରରେ ଚାଲିଗଲା । ଶ୍ରୀଳ ଗୁରୁଦେବ ଓ ପ୍ରହ୍ଲାଦ ପ୍ରଭୁ କହିଲେ ଜଗନ୍ନାଥଙ୍କ ରଥ ଏହି ପାଖରେ ନିଶ୍ଚିତ ଆସିବ । ଠିକ୍ ସେଇଆ ହିଁ ହେଲା । ଜଗନ୍ନାଥଙ୍କ ରଥ ଅତି ନିକଟକୁ ଆସିଲା, ଅତି ଆନନ୍ଦରେ ଆରତୀ କୀର୍ତ୍ତନ ହେଲା । ରଥ ସେହି ସ୍ଥାନରେ ଅଟକିଗଲା ଯେପରି କି ଭକ୍ତମାନଙ୍କୁ ଦେଖିବାକୁ ଜଗନ୍ନାଥ ଅଟକିଗଲେ । ଅତି ନିକଟରୁ ଜଗନ୍ନାଥଙ୍କୁ ଦର୍ଶନ କରି ଗୁରୁଦେବ ଆନନ୍ଦରେ ବିହ୍ୱଳିତ ହୋଇ କ୍ରନ୍ଦନ କରୁଥାନ୍ତି ଏବଂ ସନ୍ଧ୍ୟାରେ ଶ୍ରୀ ପୁରୁଷୋତ୍ତମ ମଠକୁ ଫେରି ଆସିଲେ । ପରଦିନ ୨୪/୬/୨୦ରିଖରେ ଶ୍ରୀ ଗୁରୁ ପୂଜା ମହୋତ୍ସବ ଶ୍ରୀ ପୁରୁଷୋତ୍ତମ ମଠରେ ଅନୁଷ୍ଠିତ ହେଲା ଏବଂ ତାପରଦିନ ୨୫/୬/୨୦ରିଖ ସକାଳୁ କଟକ ଶ୍ରୀ ସଚ୍ଚିଦାନନ୍ଦ ମଠକୁ ଯାତ୍ରା କରି ଅପରାହ୍ନ ୨/୩୦ ମନିଟ୍‌ରେ ରେମୁଣା ସ୍ଥିତ ଶ୍ରୀ ମାଧବେନ୍ଦ୍ର ଗୌଡ଼ୀୟ ମଠକୁ ଯାତ୍ରା କରି ଦୁଇ ଦିନ ପରେ କଲିକତା ବାଗବଜାର ମଠକୁ ଫେରି ଯାଇଥିଲେ ।

---

# ଏ ବର୍ଷର ରଥଯାତ୍ରା ଦର୍ଶନ

**ଶ୍ରୀ ପଦ୍ମନେତ୍ର ଦାସ (ପ୍ରହ୍ଲାଦ)**

ଏ ବର୍ଷ ରଥଯାତ୍ରା ଦର୍ଶନର ସୌଭାଗ୍ୟ ନାହିଁ – ମୋର ୫୦ ବର୍ଷ ପୂର୍ତ୍ତି ସ୍ନାନଯାତ୍ରା ଓ ରଥଯାତ୍ରା ଏ ମହାମାରୀ 'କରୋନା' ଯୋଗୁଁ ହୋଇ ପାରିଲା ନାହିଁ । ସ୍ନାନଯାତ୍ରା ତ ଜଗନ୍ନାଥ ବିନା ଭକ୍ତଙ୍କ ଦର୍ଶନରେ ନିଜେ ନିଜେ କରିନେଲେ । ରଥଯାତ୍ରା ମଧ୍ୟ ହେବ ନାହିଁ !! କାରଣ ସୁପ୍ରିମକୋର୍ଟଙ୍କ ଆଦେଶ ଯେ ଏଥର ଏ ମହାମାରୀ ଯୋଗୁଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହୋଇ ପାରିବ ନାହିଁ । ମୋର କିନ୍ତୁ ମନ କହୁଥାଏ ଯାହାହେଲେ ବି ଚତୁର୍ଦ୍ଧା ମୂର୍ତ୍ତି ରଥାରୁଢ଼ ହେବେ, ହଁ ରଥ ଗଡ଼ି ନ ପାରେ – ଭାଗ୍ୟରେ ନାହିଁ। ଟିଭି ସାମନାରେ ବସି ଯାହା ଟିକେ ଦେଖିବା । ଉପାୟ କ'ଣ ? ଆମର ବର୍ତ୍ତମାନ ଗୌଡ଼ୀୟ ମିଶନର ଆଚାର୍ଯ୍ୟ ଶ୍ରୀଳ ଭକ୍ତି ସୁନ୍ଦର ସନ୍ୟାସୀ ମହାରାଜ ଓ ତାଙ୍କ ସଂଗୀଗଣ ତଥା କଟକର କିଛି ଶିଷ୍ୟଙ୍କୁ ନେଇ ପୁରୀରେ ଅବସ୍ଥାନ କରୁଥାଆନ୍ତି । ତା.୨୨/୬/୨୦ରିଖ ସୋମବାର ଗୁଣ୍ଡିଚା ମାର୍ଜ୍ଜନ କଥା ମନେ ପଡୁଥାଏ । ଖାଲି ଘର -ବାହାର ହେଉଥାଏ । ହଠାତ୍ ଫୋନ ଆସିଲା ଗୁରୁଦେବଙ୍କଙ୍କ ପାଖରୁ । ପ୍ରହ୍ଲାଦ ପ୍ରଭୁ ଏଥର କ'ଣ ଜଗନ୍ନାଥଙ୍କୁ ରଥ କୀର୍ତ୍ତନ ଶୁଣାଇବେ ନାହିଁ ? ରଥଯାତ୍ରା କ'ଣ ହେବ ନାହିଁ । ଆପଣ ଆଜି ବର୍ତ୍ତମାନ ପୁରୀ ଚାଲି ଆସନ୍ତୁ ।" ଏଇ ଫୋନ ପାଇ ମୋର ଆଶା ସଂଚାର ହେଲା କି ଯେତେବେଳେ ଗୁରୁଦେବ ଡାକିଲେଣି ମାନେ ଶ୍ରୀ ଜଗନ୍ନାଥ ଡାକିଲେଣି । ନିଶ୍ଚୟ ଯିବି – କେମିତି ଯିବି ? ମନ ଉଛନ୍ନ ହେଉ ଥାଏ – ସେଇମିତି

ଘର ବାହାର ହେଉଥାଏ । ହଠାତ ଦିନ ୩ଟା ସମୟରେ ଆଉ ଗୋଟିଏ ଫୋନ ହେଲା – ପୁରୀ ଯିବେ କି ମୋ ସାଙ୍ଗରେ ମୁଁ ସଙ୍ଗେ ସଙ୍ଗେ ହଁ ମାରିଲି ଓ ସଜ ହୋଇଗଲି ପୁରୀ ଯିବା ପାଇଁ । ଫୋନ୍‌ଟି ଥିଲା ଜଣେ ଭକ୍ତ କଟକ ଲିଙ୍କ ରୋଡ଼ର ଚଗଲା ବାବୁଙ୍କର । ସେ କହିଲେ ମୁଁ ମଠ ପାଖକୁ ଯାଉଛି । ଆପଣ ଗେଟ ପାଖକୁ ଆସନ୍ତୁ । ମୁଁ ଭାବିଥିଲି ଯଦି କାଳିଆର ଇଚ୍ଛା ଥିବ ତେବେ ସେ କେଉଁ ପ୍ରକାରେ ନେଇଯିବେ । ତାହା ହିଁ ହେଲା – ଚଗଲା ବାବୁଆସି ୩.୨୫ମିନିଟ୍‌ରେ ମଠ ଗେଟ୍ ପାଖରେ ପହଞ୍ଚି ମୋ ବସାଘରକୁ ଆସିଗଲେ । ସେତେବେଳେ କବାଟ ବନ୍ଦ କରିବାକୁ ଭୁଲି ଯାଇଥିଲି । ଚଗଲାବାବୁ କହିଲେ କ'ଣ ଘର ବନ୍ଦ କରିବେନି ? ମୁଁ ଦରଜା ବନ୍ଦ କରି ତାଙ୍କ ସଂଗରେ ବାହାରିଲି । ସେ ମୋତେ ନେଇ ପୁରୀ ବଡ଼ ଦାଣ୍ଡ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠରେ ୫.୩୦ମିନିଟ୍‌ରେ ପହଞ୍ଚାଇ ଦେଇ କହିଲେ କି ମୁଁ ବର୍ତ୍ତମାନ କଟକ ଫେରିଯିବି – ମୁଁ ଶୁଣି ଦୁଃଖ ପ୍ରକାଶ କଲି– ଏ ସୁଯୋଗ ଛାଡ଼ି ଆପଣ ପଳାଇ ଯିବେ । ସେ କହିଲେ ମୁଁ ଖାଲି ଆପଣଙ୍କୁ ପୁରୀରେ ପହଞ୍ଚାଇ ଦେବି ବୋଲି କହିଥିଲି । ଠିକ୍ ସେଇ ସମୟରେ ତାଙ୍କ ଘରୁ ଫୋନ୍ ହେଲାକି ଯଦି ପୁରୀ ଯାଇଛ ତେବେ ରଥଯାତ୍ରା ଦର୍ଶନ କରି କାଲିକି ଆସ । ସେ କହିଲେ କି 'ଜଗା'ର ଇଛା ଅଛି ଆମକୁ ଦର୍ଶନ ଦେବେ । ଯାହାହେଉ ମଠ ଭିତରକୁ ଯାଇ ଶ୍ରୀ ଗୁରୁଦେବଙ୍କୁ ପ୍ରଣାମ ଜଣାଇଲୁ ଓ ଅନ୍ୟାନ୍ୟ ବୈଷ୍ଣବ ମାନଙ୍କୁ ମଧ୍ୟ ଦଣ୍ଡବତ ପ୍ରଣାମ କରି ଗୋଟିଏ ରହିବା ଘର ପାଇଁ ନିବେଦନ କଲୁ । ମଠର ମହନ୍ତ ମହାରାଜ ଗୋଟିଏ ଘରର ଚାବି ଦେଲେ – ରାତ୍ରି ଯାପନ କଲୁ। ତା.୨୩.୬.୨୦ରିଖ ମଙ୍ଗଳବାର ମଠ ତରଫରୁ କୁହାଗଲା କି ଗେଟ ବାହାରକୁ କେହି ଯିବେ ନହିଁ । ମଝି ଛାତରୁ ରଥ ଦର୍ଶନ କରିବେ । ଗୁରୁଦେବ କିନ୍ତୁ ମନା କଲେ – କହିଲେ ସେତେବେଳେ କାଳିଆ ଯାହା କହିବେ ଆମେ ତାହା କରିବା – ଠିକ ସମୟରେ ରଥ ଚାଲିଲା । ଶ୍ରୀ ବଳଦେବ ଜୀଉଙ୍କ ବାମ ପାଖ ଦର୍ଶନ ହେଲା – ପୁରା ହେଲା ନାହିଁ । ଦେବୀ ସୁଭଦ୍ରାଙ୍କୁ ବଡ଼ ଦାଣ୍ଡ ମଝିରୁ ପୁରା ଦର୍ଶନ କଲୁ । ଶ୍ରୀ ଜଗନ୍ନାଥଙ୍କ ରଥ ଆମ ପାଖରେ ରହିବେ, ଆମ ଗୀତ ଶୁଣିବେ ତେବେ ଯାଇ ଯିବେ ବୋଲି ମୁଁ କହିଲି – ଶ୍ରୀ ଜଗନ୍ନାଥ ତାହାହିଁ କଲେ। ଆମ ପାଖ ଦେଇ ଆସିଲେ ଅଳ୍ପ ସମୟ ରହିଲେ ଓ ପୂର୍ଣ୍ଣ ଦର୍ଶନ ଦେଇ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼କୁ ଗଲେ । ମୁଁ ସେତେବେଳେ କାଳିଆକୁ ଦେଖିବା ପାଇଁ ଏପଟ ସେପଟ ହେଉଥିଲି – କୀର୍ତ୍ତନ ଛାଡ଼ି ଦେଇ ପୁଲିସ ବାଲାଙ୍କ ତାଗିଦ – ଗୁରୁଦେବ ଆରତୀ କରିଥିଲେ, ମୋତେ କହିଲେ କି ଆପଣ କାହିଁକି କୀର୍ତ୍ତନ କଲେ ନାହିଁ । ଜଗା କୀର୍ତ୍ତନ ଶୁଣି ପାରିଲେ ନାହିଁ ବୋଲି ଅଳ୍ପ ସମୟ ରହି ଚାଲିଗଲେ । ଏହା କହିବା ବେଳ ଗୁରୁଦେବଙ୍କ ଆଖିରୁ ଲୁହ ଧାର ଧାର ହୋଇ ବହି ଯାଉଥିଲା ।

ଭକ୍ତର ଭଗବାନ, ଭାବଗ୍ରାହୀ ସେ ଭକ୍ତର ଭାବନାକୁ ବେଦନାକୁ ଖୁବ ଭଲ ଭାବରେ ବୁଝି ପାରନ୍ତି ଓ ତଦନୁଯାୟୀ ସମସ୍ତ ବ୍ୟବସ୍ଥା କରିଦିଅନ୍ତି – ମୋର ୫୧ ବର୍ଷର ରଥଯାତ୍ରା ଦେଖା ଏହିଭଳି ହେଲା – ସନ୍ଧ୍ୟା ୭ଟା ସୁଦ୍ଧା କଟକ ମଠରେ ପହଞ୍ଚି ସନ୍ଧ୍ୟା ଆରତୀ କୀର୍ତ୍ତନରେ ଯୋଗ ଦେଲି । କଟକ ମହାରାଜ କହିଲେ କି କେମିତି ଗଲେ ଓ କେମିତି ଆସିଲେ କଣ ଉଡ଼ି ଆସିଲେ ନା ଜଗନ୍ନାଥ ଦର୍ଶନ ହେଲା ନାହିଁ ? ମୁଁ କହିଲି ଆପଣଙ୍କ ଆଶୀର୍ବାଦରୁ ଗଲି, ଦର୍ଶନ ହେଲା ଓ ପୁଣି ଆପଣଙ୍କ ସଙ୍ଗେ କୀର୍ତ୍ତନ କରୁଛି ।

ନିତାଇ ଗୌର ହରିବୋଲ ।

# ପ୍ରଳୟ

ସଦାଶିବ ପଣ୍ଡା

।।୧।।
ପ୍ରଳୟ କାଳରେ ସମଗ୍ର ବ୍ରହ୍ମାଣ୍ଡ
ଜଳରେ ହୁଅଇ ଲୀନ
ଜୀବଜନ୍ତୁ ଜଡ କାହାର କେଉଁଠି
ଦେଖାଯାଏ ନାହିଁ ଚିହ୍ନ

।।୨।।
କୃଷ୍ଣଙ୍କର ଦୁଇ ଉପାଧିକ ତନୁ
ହିରଣ୍ୟଗର୍ଭ ବିରାଟ
ଜୀବଙ୍କର ସୂକ୍ଷ୍ମ ଶରୀର ରହଇ
ହିରଣ୍ୟ ଗର୍ଭ ନିକଟ

।।୩।।
ସ୍ଥୁଳ ଶରୀରର ପଞ୍ଚତତ୍ତ୍ୱ ମାନ
ବିରାଟ ଶରୀରେ ପଶି
ରହିଥାଏ ପୁନଃ ସୃଷ୍ଟି ହେବାଯାଏ
କହିଛନ୍ତି ମୁନିଋଷି

।।୪।।
ଏସବୁ ପ୍ରଳୟ ଚାରୋଟି ପ୍ରକାର
ଭକତେ ଅଛନ୍ତି ଜାଣି
ଶାସ୍ତ୍ର ପୁରାଣରେ ଏମାନଙ୍କ ନାମ
ଲେଖିଛନ୍ତି ବ୍ୟାସ ମୁନି

।।୫।।
ପ୍ରଥମ ପ୍ରଳୟ ନିତ୍ୟ ଯା'ର ନାମ
ଯାହା ନିତ୍ୟ ସଂଗଠିତ
କେଉଁଠି ମରୁଡି ବନ୍ୟା ଦୁର୍ଘଟଣା
ଲୋକ ମଲେ ଶତ ଶତ

।।୬।।
ଭୂମିକମ୍ପ ଆଉ ଯୁଦ୍ଧ ବିଭୀଷିକା
ଅଗ୍ନିଦାହ ପରିକର୍ମ
ପ୍ରତିଦିନ ପ୍ରତି ମୂହୁର୍ତ୍ତେ ହେଉଛି
କାହିଁକି ବୁଝ ଯା ମର୍ମ

।।୭।।
ନିତ୍ୟପିତା କୃଷ୍ଣ ନ ଭଜି ମନୁଷ୍ୟ
ସଂସାରେ ରହିଛି ବୁଡ଼ି
ତେଣୁ ଏହି ସବୁ ବିପଦ ଗୁଡିକ
ଉପରେ ବସୁଛି ମାଡି

।।୮।।
ଆଉ ଏକ ଗୋଟି ପ୍ରଳୟ ରହିଛି
ନୈମିତିକ ନାମ ତାର
ବ୍ରହ୍ମାଙ୍କର ଦିନେ ହୋଇଲେ ସମ୍ପୂର୍ଣ୍ଣ
ସୃଷ୍ଟିର ହୁଏ ସଂହାର

॥୯॥
ବ୍ରହ୍ମା ଏକଦିନ ଅଠେଇଶ ମନୁ
ଯେତେବେଳେ ଯାଏ ସରି
ସେତେବେଳେ ଯାଇ ସମଗ୍ର ବ୍ରହ୍ମାଣ୍ଡ
ହୋଇଯାଏ ଜଳ ଭାରି

॥୧୦॥
ତାହାପରେ ପୁଣି ସୃଷ୍ଟିକରେ ବ୍ରହ୍ମା
କୃଷ୍ଣଙ୍କ ଆଦେଶ ପାଇ
କୃଷ୍ଣ ଏହି ସବୁ ଲୀଳା ଦେଖୁଥାନ୍ତି
ପ୍ରଳୟ ଜଳରେ ଶୋଇ

॥୧୧॥
ତାପରେ ଏକଟି ପ୍ରଳୟ ରହିଛି
ନାମ ତାର ପ୍ରାକୃତିକ
ବ୍ରହ୍ମା ଶହେବର୍ଷ ଆୟୁଷ ସରିଲେ
ପ୍ରଳୟ ଦିଅଇ ଡାକ

॥୧୨॥
ଏହି ପ୍ରଳୟରେ ସମସ୍ତ ବ୍ରହ୍ମାଣ୍ଡ
ଜଳେ ହୋଇଯାଏ ଲୀନ
ବ୍ରହ୍ମାଙ୍କର ମଧ୍ୟ ନାଶ ହୋଇଥାଏ
ଆୟୁ ହୋଇବାରୁ କ୍ଷୀଣ

॥୧୩॥
ଯେତେବେଳେ ପୁନ ସୃଷ୍ଟି କରିବାକୁ
ଗୋବିନ୍ଦ କରନ୍ତି ମନ
ସେତେବେଳେ କୃଷ୍ଣ ବ୍ରହ୍ମାଙ୍କୁ କହନ୍ତି
କର ସୃଷ୍ଟି ସମ୍ପାଦନ

॥୧୪॥
ତାହାପରେ ବ୍ରହ୍ମା ଜୀବ ମାନଙ୍କର
ସୂକ୍ଷ୍ମ ଶରୀରକୁ ଆଣି
ସ୍ଥୁଳ ଶରୀରରେ ସ୍ଥାପନ କରନ୍ତି
କର୍ମଫଳ ସବୁଜାଣି

॥୧୫॥
କିଏ ଜଳଚର  କିଏ ସ୍ଥଳଚର
କିଏ ବା ହେବ ସ୍ଥାବର
କର୍ମ ଅନୁସାରେ ସମ୍ପାଦନ କରେ
ପଦ୍ମଯୋନି ବେଦବର

॥୧୬॥
ସୃଷ୍ଟି କରିବାରେ ବ୍ରହ୍ମାଙ୍କର କିଛି
ନିଜସ୍ୱ ପ୍ରଭାବ ନାହିଁ
କୃଷ୍ଣ ଯେଉଁପରି ନିର୍ଦ୍ଦେଶ ଦିଅନ୍ତି
କର୍ମ କରିଥାନ୍ତି ରହି ।

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

ଗୁରୁ ମୁଖ୍ୟତଃ ଦୁଇପ୍ରକାର ଅଟନ୍ତି- ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁ ( ଶ୍ରବଣଗୁରୁ ଓ ଶିକ୍ଷାଗୁରୁଙ୍କୁ ସମାନ ଶ୍ରେଣୀର ଜାଣି ଏପରି କୁହାଯାଇଛି) ଦୀକ୍ଷାଗୁରୁଙ୍କ ଠାରୁ ଦୀକ୍ଷା ନେଇ ଭଗବତ ଅର୍ଚ୍ଚନ-ପ୍ରଣାଳୀ ଶିଖିବା ଉଚିତ ଦୀକ୍ଷାଗୁରୁ ଜଣେ ' ଶିକ୍ଷାଗୁରୁ ଅନେକ -ହୋଇପାରନ୍ତି ଶିକ୍ଷାଗୁରୁ ଭଜନ- ଶିକ୍ଷା ଦିଅନ୍ତି। ଶ୍ରୀଚୈତନ୍ୟଚରିତାମୃତ ଆଦି ଶାସ୍ତ୍ରର ବଚନ ଅନୁସାରେ ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁଙ୍କ ମଧ୍ୟରେ କୌଣସି ଭେଦ ନାହିଁ ଉଭୟେ ହିଁ କ୍ରମଶଃ ଭଗବତ୍-ପ୍ରକାଶ ବା ରୂପ ଏବଂ ଭଗବତ୍- ସ୍ୱରୂପ ଅଟନ୍ତି। ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁଙ୍କ ବିଷୟରେ ଶ୍ରୀଚୈତନ୍ୟଚରିତାମୃତ ଗ୍ରନ୍ଥରେ ସ୍ପଷ୍ଟରୂପେ କୁହାଯାଇଛି "ଗୁରୁ କୃଷ୍ଣ ରୂପ ହନ ଶାସ୍ତ୍ରେର ପ୍ରମାଣେ, ଶିକ୍ଷାଗୁରୁକେ ତ ଜାନି କୃଷ୍ଣେର ସ୍ୱରୂପ' ଇତ୍ୟାଦି। ଜଗଦ୍‌ଗୁରୁ ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ ତାଙ୍କର ଅନୁଭାଷ୍ୟରେ ଏହି ପୟାରର ବିଷଦ ବ୍ୟାଖ୍ୟା କରିଛନ୍ତି -

କେତେକ ଲୋକେ କୌଣସି ଭଲ-ମନ୍ଦର ବିଚାର ନକରି ମାୟାବାଦୀ ସନ୍ନ୍ୟାସୀଙ୍କୁ ଅଥବା ବୈଷ୍ଣବ-ନାମଧାରୀ ପ୍ରାକୃତ-ସହଜିୟାଙ୍କୁ, ଭଜନ- ଅନଭିଜ୍ଞ- କୁଳଗୁରୁଙ୍କୁ ସଦ୍ଗୁରୁ ଭାବି ତାହାଙ୍କ ଚରଣାଶ୍ରୟ କରନ୍ତି । ସେମାନେ ଭାବନ୍ତି ଆମ୍ଭେ ସଦ୍‌ଗୁରୁ ପାଇଛୁ, ତେଣୁ ସାଧନ-ଭଜନ କରିବା ନିଷ୍ପ୍ରୟୋଜନ। କିନ୍ତୁ ଏହା ଏକ ଅନ୍ଧବିଶ୍ୱାସ। ସେପରି ଗୁରୁକରଣ ପ୍ରେମପ୍ରାପ୍ତିରେ ସର୍ବଥା ବାଧକ ଅଟେ। ସଦ୍‌ଗୁରୁ ପଦାଶ୍ରୟ ପରେ ଭଜନ କରୁ କରୁ ଶିଷ୍ୟ ନିଜର ଅନର୍ଥ ଦୂର ହେଉଛି କି ନାହିଁ ତାହା ବିଚାର କରିବା ଉଚିତ ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ତାଙ୍କ ' ମାଧୁର୍ଯ୍ୟ-କାଦମ୍ବିନୀ ଗ୍ରନ୍ଥରେ ସେହି ଅନର୍ଥମାନଙ୍କର ଓ ତାହାର ନିବୃତ୍ତିର ମାର୍ଗକୁ ବିଷଦ ଭାବେ ଆଲୋଚନା କରିଛନ୍ତି ତାହା ବିବେଚନୀୟ। ଯେଉଁମାନେ ଭଜନ କରନ୍ତି ସତ କିନ୍ତୁ ଅନର୍ଥ-ନିବୃତ୍ତିର ଚେଷ୍ଟା କରନ୍ତି ନାହିଁ, ସେମାନେ ଭଜନରେ ଅଗ୍ରସର ହୋଇ ପାରନ୍ତି ନାହିଁ ଅତଏବ ଉପଯୁକ୍ତ ରୀତିରେ ଭଜନ କଲେ ହିଁ ସାଧକ କ୍ରମଶଃ ଶ୍ରଦ୍ଧାରୁ ପ୍ରେମ ପର୍ଯ୍ୟନ୍ତ ଅବସ୍ଥାକୁ ପାଇ ପାରେ । ୩ ।

**ଅଥ ଭଜନସ୍ୟ ଚତୁଃଷଷ୍ଟିରଙ୍ଗାନି (ଭଜନର ଚୌଷଠି ଅଙ୍ଗ)**

ଶ୍ରୀଗୁରୁପାଦାଶ୍ରୟଃ, ଶ୍ରୀକୃଷ୍ଣ-ଦୀକ୍ଷା- ଶିକ୍ଷାଦିଃ, ଶ୍ରୀଗୁରୁସେବା, ସାଧୁମାର୍ଗାନୁସାରଃ, ଭଜନରୀତି-ପ୍ରଶ୍ନଃ, ଶ୍ରୀକୃଷ୍ଣପ୍ରୀତୟେ ଭୋଗାଦିତ୍ୟାଗଃ, ତୀର୍ଥ ବାସଃ, ତୀର୍ଥ -ମାହାତ୍ମ୍ୟଶ୍ରବଣଂ ଚ, ସ୍ୱଭକ୍ତିର୍ନିବାହାନୁରୂପଂ ଭୋଜନାଦି-ସ୍ୱୀକାରଂ, ଏକାଦଶୀ-ବ୍ରତଂ, ଅଶ୍ୱତ୍ଥ- ତୁଳସୀ-ଧାତ୍ରୀ-ଗୋ- ବ୍ରାହ୍ମଣ-ବୈଷ୍ଣବ- ସମ୍ମାନଂ- ପୂର୍ବଦଶ- ଗ୍ରହଣମ୍ ।

ପରଦଶ-ତ୍ୟାଗଃ- ଅସାଧୁ- ସଙ୍ଗ-ତ୍ୟାଗଃ, ବହୁଶିଷ୍ୟକରଣ- ତ୍ୟାଗଃ, ବହ୍ୱାରମ୍ଭତ୍ୟାଗଃ, ବହୁଶାସ୍ତ୍ର-ବ୍ୟାଖ୍ୟା-ବିବାଦାଦି-ତ୍ୟାଗଃ, ବ୍ୟବହାରେ କାର୍ପଣ୍ୟତ୍ୟାଗଃ, ଶୋକ-କ୍ରୋଧାଦିତ୍ୟାଗଃ, ଦେବତାନ୍ତର- ନିନ୍ଦା-ତ୍ୟାଗଃ, ପ୍ରାଣୀମାତ୍ରେ ଉଦ୍‌ବେଗ-ତ୍ୟାଗଃ, ସେବାପରାଧ-ନାମାପରାଧ-ତ୍ୟାଗଃ, ଗୁରୁ-କୃଷ୍ଣ-ଭକ୍ତ-ନିନ୍ଦା-ସହନତ୍ୟାଗଃ ।

ବୈଷ୍ଣବଚିହ୍ନଧାରଣଂ , ହରିନାମାକ୍ଷର-ଧାରଣଂ, ନିର୍ମାଲ୍ୟ-ଧାରଣଂ, ନୃତ୍ୟଂ, ଦଣ୍ଡବତ୍‌ପ୍ରଣାମଂ, ଅଭ୍ୟୁତ୍ଥାନମ୍, ଅନୁବ୍ରଜ୍ୟା, ଶ୍ରୀମୂର୍ତ୍ତିସ୍ଥାନେ ଗମନଂ, ପରିକ୍ରମା, ପୂଜା, ପରିଚର୍ଯ୍ୟା, ଗୀତଂ, ସଂକୀର୍ତ୍ତନଂ, ଜପଃ, ସ୍ତବପାଠଃ, ମହାପ୍ରସାଦ-ସେବା, ବିଜ୍ଞପ୍ତିଃ, ଚରଣାମୃତ-ପାନଂ, ଧୂପ-ମାଲ୍ୟାଦି-ସୌରଭଗ୍ରହଣଂ, ଶ୍ରୀମୂର୍ତ୍ତି-ଦର୍ଶନଂ, ଶ୍ରୀମୂର୍ତ୍ତି - ସ୍ପର୍ଶନମ , ଆରାତ୍ରିକ-ଦର୍ଶନଂ, ଶ୍ରବଣଂ, ତତ୍-କୃପାପେକ୍ଷଣଂ, ସ୍ମରଣଂ, ଧ୍ୟାନଂ, ଦାସ୍ୟଂ, ସଖ୍ୟମ୍, ଆତ୍ମନିବେଦନଂ, ନିଜପ୍ରିୟବସ୍ତୁ-ସମର୍ପଣଂ, କୃଷ୍ଣାର୍ଥେ ସମସ୍ତ-କର୍ମକରଣମ୍। ସର୍ବଥା ଶରଣାପତ୍ତିଃ, ତୁଳସୀସେବା, ବୈଷ୍ଣବଶାସ୍ତ୍ରସେବା, ମଥୁରାମଣ୍ଡଳେ ବାସଃ, ବୈଷ୍ଣବ-ସେବା, ଯଥାଶକ୍ତି ଦୋଳାଦି-ମହୋତ୍ସବ-କରଣଂ, କାର୍ତ୍ତିକବ୍ରତଂ, ସର୍ବଦା ହରିନାମ-ଗ୍ରହଣଂ, 'ଜନ୍ମାଷ୍ଟମୀଯାତ୍ରାଦିକଂ ଚ, ଏବଂ ଊନଷଷ୍ଟି ଭକ୍ତ୍ୟଙ୍ଗାନି ଅଥ ତତ୍ର ପଞ୍ଚଅଙ୍ଗାନି ସର୍ବତଃ ଶ୍ରେଷ୍ଠାନି ଯଥା- ଶ୍ରୀମୂର୍ତ୍ତି-ସେବା-କୌଶଳଂ, ରସିକୈଃ ସହ 'ଶ୍ରୀଭାଗବତାର୍ଥସ୍ୱାଦଃ ସଜାତୀୟ-ସ୍ନିଗ୍ଧ-ମହତ୍ତର- ସାଧୁସଙ୍ଗଃ, ନାମସଂକୀର୍ତନଂ, ଶ୍ରୀବୃନ୍ଦାବନ-ବାସଃ ଏବଂ ମିଳିତ୍ୱା ଚତୁଃଷଷ୍ଟ୍ୟଙ୍ଗାନି ।୪।

କୃଷ୍ଣ- ଦୀକ୍ଷାଦୀତି - ଦୀକ୍ଷାପୂର୍ବକଶିକ୍ଷଣମିତ୍ୟର୍ଥଃ। ଶ୍ରୀକୃଷ୍ଣସ୍ୟେତି- ଶ୍ରୀକୃଷ୍ଣପ୍ରାପ୍ତେ ର୍ଯୋ ହେତୁଃ କୃଷ୍ଣସ୍ୟ ପ୍ରସାଦସ୍ତଦର୍ଥ ମିତ୍ୟର୍ଥଃ ଆଦି-ଗ୍ରହଣାତ ଲୋକ-ବିତ୍ତ-ପୁତ୍ରାଦୟୋ ଗୃହ୍ୟନ୍ତେ । ସେବାନାମାପରାଧେତି-ସେବାନାମାପରାଧାନାମୁଦ୍ଭବଃ ସାଧକସ୍ୟ ପ୍ରାୟୋ ଭବତ୍ୟେବ, କିନ୍ତୁ ପଶ୍ଚାତ ଯତ୍ନେନ ତେଷାମଭାବକାରିତା।

**ଶ୍ରୀବିନ୍ଦୁବିକାଶିନୀ-ବୃତି -**

**(୧) ଶ୍ରୀଗୁରୁପଦାଶ୍ରୟ**

ଭକ୍ତିପ୍ରତିପାଦକ ଶାସ୍ତ୍ରମାନଙ୍କରେ ଶ୍ରୀଗୁରୁଙ୍କର ଅନନ୍ତମହିମା ବର୍ଣ୍ଣନା କରାଯାଇଛି। ସଦ୍‌ଗୁରୁଙ୍କ ଚରଣାଶ୍ରୟ ବିନା ଭଗବଦ୍-ଭଜନ ରାଜ୍ୟରେ ପ୍ରବେଶ ଅସମ୍ଭବ। ଏଥିପାଇଁ ଭକ୍ତିର ଚୌଷଠି ଅଙ୍ଗମଧ୍ୟରୁ ସର୍ବପ୍ରଥମେ ଶ୍ରୀଗୁରୁପଦାଶ୍ରୟ କଥାଟି ଉଲ୍ଲେଖ କରାଯାଇଛି। ଭଗବଭକ୍ତି ଚାହୁଁଥିବା ଶ୍ରଦ୍ଧାଳୁ ବ୍ୟକ୍ତିମାନଙ୍କୁ ଭକ୍ତି ପ୍ରତି ପାଦକ ଶାସ୍ତ୍ରମାନଙ୍କର ଯଥାର୍ଥ ଉପଦେଷ୍ଟା ତଥା ଭଗବଦ୍- ମନ୍ତ୍ର ଉପଦେଷ୍ଟା ଶ୍ରୀଗୁରୁଙ୍କୁ ଆଶ୍ରୟ କରିବା ଉଚିତ। ଏପରି ସଦ୍‌ଗୁରୁଙ୍କ କୃପାରୁ ହିଁ ସମସ୍ତପ୍ରକାର ଅନର୍ଥ ଅନାୟାସରେ ଦୂର ହୁଏ ତଥା ଭଗବାନଙ୍କ ପରମ-ଅନୁଗ୍ରହ ମଧ୍ୟ ପ୍ରାପ୍ତ ହୁଏ । ଶ୍ରୀଳ ଜୀବ ଗୋସ୍ୱାମୀପାଦ ଭକ୍ତିସନ୍ଦର୍ଭ-- ୨୩୭ ସଂଖ୍ୟାରେ ବିଭିନ୍ନ ଶାସ୍ତ୍ରୀୟ ପ୍ରମାଣଦ୍ୱାରା ଏହାକୁ ପ୍ରତିପାଦନ କରିଛନ୍ତି। ବ୍ରହ୍ମାଙ୍କ ଉକ୍ତିରେ ମଧ୍ୟ ଏହା ଦେଖାଯାଏ-

ଯୋ ମନ୍ତ୍ରଃ ସ ଗୁରୁଃ ସାକ୍ଷାଦ ଯୋ ଗୁରୁଃ ସ ହରିଃ ସ୍ୱୟଂ
ଗୁରୁର୍ଯସ୍ୟ ଭବେତ୍ ତୁଷ୍ଟସ୍ତସ୍ୟ ତୁଷ୍ଟୋ ହରିଃ ସ୍ୱୟମ ।।

ଅର୍ଥାତ ଯିଏ ମନ୍ତ୍ର, ତାହା ହିଁ ଗୁରୁ ଏବଂ ଯିଏ ଗୁରୁ, ସେ ସାକ୍ଷାତ ହରି ସେହି ଗୁରୁ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି, ସ୍ୱୟଂ ହରି ତାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି । ପୁଣି ଅନ୍ୟତ୍ର ଏପରି ଦେଖାଯାଏ -

'ହରୌ ରୁଷ୍ଟେ ଗୁରୁସ୍ତ୍ରାତା, ଗୁରୌ ରୁଷ୍ଟେ ନ କଶ୍ଚନ ।
ତସ୍ମାତ ସର୍ବପ୍ରଯତ୍ନେନ ଗୁରୁମେବ ପ୍ରସାଦୟେତ ।

ଭଗବାନ ହରି ରୁଷ୍ଟ ହେଲେ ଶ୍ରୀଗୁରୁଦେବ ରକ୍ଷା କରିପାରନ୍ତି, କିନ୍ତୁ ଗୁରୁଦେବ ରୁଷ୍ଟ ହେଲେ କେହି ବି ରକ୍ଷା କରିପାରିବେ ନାହିଁ । ଏଣୁ କାୟ-ମନ- ବାକ୍ୟରେ ସବୁପ୍ରକାର ଚେଷ୍ଟାଦ୍ୱାରା ଶ୍ରୀଗୁରୁଦେବଙ୍କୁ ପ୍ରସନ୍ନ କରିବା ଉଚିତ । ଗ୍ରନ୍ଥକର୍ତ୍ତା ଶ୍ରୀଳ ବିଶ୍ୱନାଥ ଠାକୁର କହିଛନ୍ତି -

"ଯସ୍ୟ ପ୍ରସାଦାଦ ଭଗବତ୍‌ପ୍ରସାଦୋ ଯସ୍ୟାପ୍ରସାଦାନ୍ନଗତିଃ କୁତୋଽପି ।"

ଅର୍ଥାତ୍ ଯାହାଙ୍କ ପ୍ରସନ୍ନତା ହିଁ ଭଗବାନଙ୍କ ପ୍ରସନ୍ନତା ଅଟେ ଏବଂ ଯାହାଙ୍କ ଅପ୍ରସନ୍ନତାରୁ ଅନ୍ୟ କୌଣସି ଗତି ହୁଏ ନାହିଁ, ସେହି ଶ୍ରୀଗୁରୁଦେବଙ୍କୁ ମୁଁ ତ୍ରିସନ୍ଧ୍ୟାରେ ଧ୍ୟାନ ସ୍ତବନ ଏବଂ ମନନ କରୁଛି ।

ଗୁରୁ କିଭଳି ହେବା ଉଚିତ ? ତାହାର ଉତ୍ତର ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଧରେ ଦିଆଯାଇଛି, ଯଥା -

ତସ୍ମାଦ ଗୁରୁଂ ପ୍ରପଦ୍ୟେତ ଜିଜ୍ଞାସୁଃ ଶ୍ରେୟ ଉତ୍ତମମ୍ ।
ଶାବ୍ଦେ ପରେ ଚ ନିଷ୍ଣାତଂ ବ୍ରହ୍ମଣ୍ୟୁପସମାଶ୍ରୟମ ।। (ଭା, ୧୧/୩/୨୧)

ଉତ୍ତମ ଶ୍ରେୟ (କଲ୍ୟାଣ) ଜାଣିବାକୁ ଇଚ୍ଛୁକ ବ୍ୟକ୍ତି ସଦ୍‌ଗୁରୁଙ୍କ ଚରଣାଶ୍ରୟ କରିବା ଉଚିତ, ଯିଏ 'ଶବ୍ଦବ୍ରହ୍ମ'ରେ ଅର୍ଥାତ ଶ୍ରୁତି- ଶାସ୍ତ୍ର ସିଦ୍ଧାନ୍ତରେ ସୁନିପୁଣ ହୋଇଥିବେ ଏବଂ 'ପରବ୍ରହ୍ମ' ରେ ଅର୍ଥାତ ଅଧୋକ୍ଷଜ ଅନୁଭୂତି ପ୍ରାପ୍ତ ହୋଇଥିବେ ଏବଂ ଯିଏ ପ୍ରାକୃତ କୌଣସି ଦୁଃଖର ବଶୀଭୂତ ହୋଇ ନଥିବେ । ସେ ହିଁ ସଦ୍‌ଗୁରୁ ।

ଶ୍ରୀଳ ଜୀବଗୋସ୍ୱାମୀ 'ଶାବ୍ଦେ ପରେ ଚ ନିଷ୍ଣାତଂ'ର ଅର୍ଥ ଏହିପରି କରିଛନ୍ତି, ଯଥା- 'ଶାବ୍ଦେ ବ୍ରହ୍ମଣି ବେଦେ-ତାତ୍ପର୍ଯ୍ୟ ବିଚାରେଣ ନିଷ୍ଣାତଂ ତଥୈବ ନିଷ୍ଠାଂ ପ୍ରାପ୍ତଂ, ପରେ ବ୍ରହ୍ମଣି ଭଗବଦାଦିରୂପାବିର୍ଭାବେସ୍ତୁ ଅପରୋକ୍ଷାନୁଭବେନ'- ଅର୍ଥାତ ଯିଏ ବେଦର ତାତ୍ପର୍ଯ୍ୟ ନିର୍ଦ୍ଧାରଣରେ ସୁନିପୁଣ ଏବଂ ପରବ୍ରହ୍ମଙ୍କ ସାକ୍ଷାତ୍ ରୂପରେ ଅନୁଭୂତି ସମ୍ପନ୍ନ, ତଥା ସର୍ବପ୍ରକାର ଅପେକ୍ଷାରୁ ରହିତ, ସେହି ବ୍ୟକ୍ତିଙ୍କୁ ହିଁ ଉତ୍ତମ ଶ୍ରେୟର ଜିଜ୍ଞାସୁ ବ୍ୟକ୍ତି ଅର୍ଥାତ ସାଧ୍ୟ-ସାଧନ- ତତ୍ତ୍ୱର ଜିଜ୍ଞାସୁ ବ୍ୟକ୍ତି ଗୁରୁ ରୂପେ ଆଶ୍ରୟ ନେବା ଉଚିତ ଏବଂ ତାଙ୍କ ଠାରୁ ଶୁଣିବା ଉଚିତ । ପୁଣି ଶ୍ରୁତିରେ ମଧ୍ୟ ଏପରି କୁହାଯାଇଛି-

'ତଦ୍‌ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ ସମିତପାଣି ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ।' (ମୁଣ୍ଡକ, ୧/ ୨/୧ ୨) ଅର୍ଥାତ ଭଗବଦ ତତ୍ତ୍ୱବସ୍ତୁର ବିଜ୍ଞାନ(ପ୍ରେମଭକ୍ତି ସହିତ ଜ୍ଞାନ) ପାଇବା ପାଇଁ କଲ୍ୟାଣକାମୀ ବ୍ୟକ୍ତିମାନଙ୍କୁ ହାତରେ ଉପହାର ନେଇ ବେଦ ତାତ୍ପର୍ଯ୍ୟଜ୍ଞ ଏବଂ କୃଷ୍ଣତତ୍ତ୍ୱବିଦ ଗୁରୁଙ୍କ ନିକଟକୁ କାୟ- ମନ ଓ ବାକ୍ୟର ସହିତ ଯିବା ଉଚିତ ।

ଏଠାରେ ଶ୍ରୀଳ ଜୀବଗୋସ୍ୱାମୀ ଭଗବତ-ତତ୍ତ୍ୱ ଉପଦେଶକଙ୍କୁ ଦୁଇପ୍ରକାର କହିଛନ୍ତି, ଯଥା ସରାଗ ଓ ନୀରାଗ ଧନଲୋଭୀ ଓ ଭୋଗସୁଖ କାମନା କରୁଥିବା ଉପଦେଶକଙ୍କୁ ସରାଗ ଉପଦେଶକ (ବକ୍ତା) କୁହାଯାଏ । ଏପରି ଉପଦେଶକମାନଙ୍କ ପ୍ରଭାବ ସ୍ଥାୟୀ ନୁହେଁ ସରସ ଏବଂ ସାରଗ୍ରହୀ ପରମଭଗବଭକ୍ତ ହିଁ ନୀରାଗ ଉପଦେଶକ ଅଟନ୍ତି । ଉପର୍ଯୁକ୍ତ ଶ୍ଳୋକଟି ଏପରି ନିରାଗ ବକ୍ତାଙ୍କ ସମ୍ବନ୍ଧରେ କୁହାଯାଇଛି ବୋଲି ବୁଝିବାକୁ ହେବ । - ***କ୍ରମଶଃ***

# ଶ୍ରୀ ଚୈତନ୍ୟଙ୍କ ଭକ୍ତି ଆନ୍ଦୋଳନକୁ ଓଡ଼ିଶାର ଦାନ

(ପୂର୍ବ ପ୍ରକାଶନ ଉତ୍ତାରୁ...) **ଶ୍ରୀ ଜାହ୍ନବୀ ଜୀବନ ଦାସ**

ପରମାର୍ଥ ଦୃଷ୍ଟିରୁ ନୀଳାଚଳବାସୀ ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର । ମାତ୍ର ଇତିହାସ ଦୃଷ୍ଟିରୁ ସେ ଉତ୍କଳବାସୀ ଉତ୍କଳାଧିଦେବ । ଶ୍ରୀଜୟଦେବଙ୍କ ପରି ମହାତ୍ମାଙ୍କୁ କିଏ ବଙ୍ଗୀୟ ଓ ଉତ୍କଳୀୟ କହିଲେ ମଧ ଇତିହାସ ଦୃଷ୍ଟିରୁ ସେ ଓଡ଼ିଶାର । ଏଠାରେ କୌଣସି ଭେଦଭାବ କରାଯାଉନାହିଁ । ଇତିହାସ କାହାକୁ କ୍ଷମା ଦେବ ନାହିଁ । ଶ୍ରୀଜଗନ୍ନାଥ ମନ୍ଦିରକୁ ଆମେ ବିହାର ପ୍ରଦେଶର ବୋଲି କହିପାରିବା କି ? ଶ୍ରୀକୃଷ୍ଣଙ୍କୁ ବ୍ରଜବାସୀ ନ କହି ଆମେ ଉତ୍କଳବାସୀ ବା ଶ୍ରୀରାମଙ୍କୁ ଅଯୋଧ୍ୟାବାସୀ ନ କହି ଆନ୍ଧ୍ରବାସୀ ବୋଲି କହିପାରିବା କି ? କୌଣସି ଅବତାର କିମ୍ୱା ମହାପୁରୁଷଙ୍କ ବାଣୀ ସୀମିତ ଦେଶ ପାଇଁ ଉଦ୍ଦିଷ୍ଟ ନୁହେଁ । ସାରା ବିଶ୍ୱ ପାଇଁ ହିଁ ଉଦ୍ଦିଷ୍ଟ । ସେମାନଙ୍କୁ ସୀମାବଦ୍ଧ କରି ଦେଶକାଳର ଗଣ୍ଡି ମଧ୍ୟରେ ରଖିବା ପରମାର୍ଥ ନୁହେଁ, ମାତ୍ର ଇତିହାସ ଦୃଷ୍ଟିରୁ ଏମାନଙ୍କ ଜନ୍ମ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ପ୍ରଦେଶରେ । ମାତ୍ର ସୂର୍ଯ୍ୟ ସାରା ବିଶ୍ୱକୁ କିରଣ ପ୍ରଦାନ କରିବା ପରି ଏମାନଙ୍କ ବାଣୀ ଓ ଶିକ୍ଷା ସମଗ୍ର ବିଶ୍ୱ ପାଇଁ ହିଁ ଉଦ୍ଦିଷ୍ଟ ।

ଶ୍ରୀ ଚୈତନ୍ୟଦେବ ନବଦ୍ୱୀପ ଗଙ୍ଗାକକୂଳରେ ପ୍ରକଟ ହେଲେ । ସେ ଶ୍ରୀରାଧାକୃଷ୍ଣ ଅଭିନ୍ନ ମୂର୍ତ୍ତି ଓ ମଳିତି ବିଗ୍ରହ। ସାରା ବିଶ୍ୱକୁ ତାଙ୍କ ଅବଦାନ ଶ୍ରୀ ନାମସଂକୀର୍ତ୍ତନ । ସେ ସଂକୀର୍ତ୍ତନର ପିତା । ତାଙ୍କ ପୂର୍ବ ପୁରୁଷ ଓଡ଼ିଶା ଯାଜପୁରରେ ଥିଲେ । କେବଳ ଜୟାନନ୍ଦଙ୍କ ବ୍ୟତୀତ କୌଣସି ଇତିହାସକାର ଏକଥା ଉଲ୍ଲେଖ କରିନାହାନ୍ତି । ଶ୍ରୀଚୈତନ୍ୟଦେବ, ତାଙ୍କୁ ଏ ଜଗତରେ ପ୍ରକଟ କରାଇଥିବା ଶ୍ରୀ ଅଦ୍ୱୈତାଚାର୍ଯ୍ୟ (କୁବେର ମିଶ୍ରଙ୍କ ପୁଅ) ଶ୍ରୀ ଗଦାଧର ପଣ୍ଡିତ (ମାଧବ ମିଶ୍ରଙ୍କ ପୁଅ) ଏମାନଙ୍କର ଓଡ଼ିଶା ଓ ବଂଗଳା ଉଭୟ ସ୍ଥାନର ଘର ଥିଲା । ଆମମାନେ ଜାଣୁ ଯେ ଶ୍ରୀଚୈତନ୍ୟ ଦେବ ଯେଉଁ ଭକ୍ତି ଆନ୍ଦୋଳନ କଲେ, ଶ୍ରୀକୃଷ୍ଣ ଚେତନା ଜଗତକୁ ଦେଲେ ସେହି ଭକ୍ତି ଆନ୍ଦୋଳନର ଦୁଇ ଜଣ ପ୍ରମୁଖ ଉତ୍କଳୀୟ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଓ ଶ୍ରୀ ରସିକାନନ୍ଦ ପ୍ରଭୁ ମଧ ବିଶେଷ ଭାବରେ ଶ୍ରୀ ଚୈତନ୍ୟ ଭକ୍ତି ଆନ୍ଦୋଳନକୁ ଆଗେଇ ନେଇଥିଲେ । ଶ୍ରୀଚୈତନ୍ୟ ଦେବଙ୍କ ସାଢ଼େ ୩ ଜଣ ଅନ୍ତରଙ୍ଗ ଭକ୍ତ ମଧ୍ୟରୁ ଅଢ଼େଇ ଜଣ (ରାୟ ରାମାନନ୍ଦ - ଶିଖି ମହାନ୍ତି ଓ ତାଙ୍କ ଭଗ୍ନୀ ମାଧବଦେବୀ) ଥିଲେ ଉତ୍କଳୀୟ ।

ପରେ ଶ୍ରୀଚୈତନ୍ୟ କଥିତ ଭକ୍ତି ଆନ୍ଦୋଳନ ଓ ତାଙ୍କ ସମ୍ପ୍ରଦାୟକୁ ବ୍ରହ୍ମ ମାଧ୍ୱଗୌଡ଼ୀୟ ସମ୍ପ୍ରଦାୟ କୁହାଗଲା । ମାତ୍ର ତାହା ସୁଧୀ ସମାଜରେ ସ୍ୱୀକୃତି ଲାଭ କରିନଥିଲା । ଓଡ଼ିଶା ରେମୁଣାର ନିକଟ ଅଠାନ୍ତର ଗ୍ରାମର ଏକାନ୍ତୀ ଗୋବିନ୍ଦ ଦାସ (ପରେ ବଳଦେବ ବିଦ୍ୟା ଭୂଷଣ ନାମେର ପରିଚିତ) ହିଁ ଗୌଡ଼ୀୟ ସମ୍ପ୍ରଦାୟ ଶାସ୍ତ୍ରୀୟ ସତ୍‌ସମ୍ପ୍ରଦାୟ ବୋଲି ଜୟପୁର ରାଜସଭାରେ ପ୍ରତିଷ୍ଠା କଲେ । କିଛିଦିନ ଏହି ଧର୍ମରେ ଶୀଥିଳତା ଦେଖାଯିବାରୁ ଏହି ଉତ୍କଳର କେନ୍ଦ୍ରାପଡା ଛୋଟୀ ଗ୍ରାମର ଶ୍ରୀ କେଦାରନାଥ ଭକ୍ତି ବିନୋଦ ଠାକୁର ଓ ତାଙ୍କ ପୁତ୍ର ବିମଳା ପ୍ରସାଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦ ସମଗ୍ର ବିଶ୍ୱରେ ଶୁଦ୍ଧ ଭକ୍ତି ଶ୍ରୀ ଚୈତନ୍ୟବାଣୀ ପ୍ରଚାରାର୍ଥେ ଗୌଡ଼ୀୟ ମଠ - ମିଶନ ଏବଂ ତାଙ୍କ ଶିଷ୍ୟ ପ୍ରଶିଷ୍ୟମାନେ ଅନେକ ଗୌଡ଼ୀୟ ଅନୁଷ୍ଠାନ ଓ ଇସ୍କନାଦି ପ୍ରତିଷ୍ଠାପୂର୍ବକ ଶୁଦ୍ଧ ଭକ୍ତି ଗୌରବାଣୀ ପ୍ରଚାର କରୁଛନ୍ତି ।

ଶ୍ରୀ ଚୈଦନ୍ୟଦେବଙ୍କ ଚରିତର ଆଦି ଲେଖକ ହେଉଛନ୍ତି ଶ୍ରୀମଦ୍‌ହନୁମଦାବତାର ମୁରାରୀ ଗୁପ୍ତ। ତାପରେ ବୃନ୍ଦାବନ ଦାସ ଶ୍ରୀଚୈତନ୍ୟ ମଙ୍ଗଳ ଯାହା ପରେ ଶ୍ରୀଚୈତନ୍ୟ ଭାଗବତ ନାମରେ ନାମିତ ହେଲା । ଶ୍ରୀଚୈତନ୍ୟ ଚରିତାମୃତ ଶ୍ରୀମଦ୍ କୃଷ୍ଣ ଦାସ କବିରାଜ ଗୋସ୍ୱାମୀଙ୍କ ବିରଚିତ ଏବଂ ଶ୍ରୀ ଲୋଚନ ଦାସ ଓ ଜୟାନନ୍ଦଙ୍କ ଶ୍ରୀଚୈନ୍ୟ ମଙ୍ଗଳ ଆଦି ପ୍ରସିଦ୍ଧ । ଅବଶ୍ୟ କେତେକ କାରଣୁ କେତେକ ବୈଷ୍ଣବ ଜୟାନନ୍ଦଙ୍କ ଚୈତନ୍ୟମଙ୍ଗଳକୁ ଗ୍ରହଣ କରୁନାହାନ୍ତି । ମୁଖ୍ୟତଃ ଏସବୁ ବଙ୍ଗ ପ୍ରଦେଶରୁ ରଚିତ ହେଲା, ବଙ୍ଗଳାରେ ଶ୍ରୀଚୈନ୍ୟଙ୍କ ପାର୍ଶଦମାନଙ୍କ ବହୁ କୀର୍ତ୍ତନ ଶ୍ରୀଚୈତନଲୀଳା ଉପେର ମଧ ରଚିତ ହୋଇ ଗାନ ହେଉଛି ।

ସେହିପରି ଓଡ଼ିଶାରେ ମଧ୍ୟ ଶ୍ରୀ ଚୈନ୍ୟ ଦେବଙ୍କ ବିଷୟରେ ଲକ୍ଷାଧିକ ଭଜନ କୀର୍ତ୍ତନ ରଚିତ ହୋଇଛି । ଗ୍ରାମେ ଗ୍ରାମେ ଶ୍ରୀ ଚୈତନ୍ୟ ସଂକୀର୍ତ୍ତନ ଗୋଷ୍ଠୀ ଅଛନ୍ତି । ଶ୍ରୀଚୈତନ୍ୟ ଦେବଙ୍କୁ କଟକରେ ୭୨ଟି କୀର୍ତ୍ତନ ଦଳ ଅଭିନନ୍ଦନ ଜଣାଇଥିଲେ । ଏବେ କଟକରେ କେବଳ ୭୨ ଦଳ କୀର୍ତ୍ତନୀୟା ଅଛନ୍ତି । କିନ୍ତୁ ଆମେ ଗ୍ରନ୍ଥ କଥା ଦେଖିବା ।

ଅନୁସନ୍ଧାନରୁ ଜଣାପଡେ ଯେ ଅଥର୍ବ ବେଦୀୟ ଶ୍ରୀ ପୁରୁଷ ବୋଧିନୀ ଶୃତି ଓ ଶ୍ରୀ ଚୈତନ୍ୟୋପନିଷଦାଦି ଓଡ଼ିଶାରେ ହିଁ ରଚିତ ହୋଇଛି । ତିଗିରିଆ (ଆଠଗଡ଼)ର କବି ଗୋବିନ୍ଦ ସଂସ୍କୃତରେ ଗୋରକୃଷ୍ଣୋଦୟ ରଚନା କରିଛନ୍ତି ଯାହାର ଶ୍ଳୋକଗୁଡ଼ିକ କେବଳ ଶ୍ରୀଲଭକ୍ତି ସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦ ସନ୍ୟାସ ଗ୍ରହଣ ପୂର୍ବରୁ ଏହି ଗ୍ରନ୍ଥଟିକୁ ଛପାଇଥିଲେ । ଏବେ ମାୟାପୁର ଶ୍ରୀଚୈତନ୍ୟମଠ ପକ୍ଷରୁ ଏହାର ୨ୟ ସଂସ୍କରଣ କରାଯାଇଛି। କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା (ଅଭିମନ୍ୟୁ ସାମନ୍ତ ସିଂହଙ୍କ ଗୁରୁ) ଶ୍ରୀଚୈତନ୍ୟଙ୍କ ବିଷୟରେ ବିଶ୍ୱମ୍ଭର ବିହାର, ଈଶ୍ୱର ଦାସ ଶ୍ରୀ ଚୈତନ୍ୟ ଭାଗବତ, କାଙ୍ଗାଳୀ ହୃଷୀକେଶ ଦାସ ଶ୍ରୀଚୈତନ୍ୟ ଭାଗବତ, ବୈଷ୍ଣବ ଚରଣ ଦାସ, ଶ୍ରୀଭାଗବତାମୃତ ବା ଶ୍ରୀଚୈନ୍ୟଭାଗବତ, ଭଗବାନ ଦାସ ଶ୍ରୀ ଗୌରାଙ୍ଗ ଭାଗବତ ଏବଂ ଆଉ ଅନେକ ଉତ୍କଳବାସୀ କବି ଶ୍ରୀଚୈତନ୍ୟଚରିତ ଲେଖି ଶ୍ରୀ ଚୈତନ୍ୟଙ୍କ ଭକ୍ତି ଆନ୍ଦୋଳନକୁ ଅଧିକ ଉଜ୍ଜୀବିତ କରିଛନ୍ତି । ଆଉ ମାଧବ ରଥଙ୍କ ଶ୍ରୀ ଚୈତନ୍ୟ ବିଳାସ, କହ୍ନେଇ ଖୁଣ୍ଟିଆଙ୍କ ମହାଭାବ ପ୍ରକାଶ ବ୍ୟତୀତ ଶ୍ରୀ ଗୌରଚରଣ ଅଧିକାରୀ, ଗୋପାଳକୃଷ୍ଣ ଆଦି ଅନେକ ଅନେକ ଗୌରପଦାବଳୀ ରଚନା କରିଛନ୍ତି ଯାହାର ସମ୍ପୂର୍ଣ୍ଣ ତାଲିକା ଏ ପର୍ଯ୍ୟନ୍ତ ସଂଗ୍ରହ କରାଯାଇପାରିନି କିମ୍ବା ଏଥିପାଇଁ କୌଣସି ଗୌଡ଼ୀୟ ବୈଷ୍ଣବଙ୍କ ଆଗ୍ରହ ଥିବା ଜଣାପଡୁନାହିଁ ।

ଯେଉଁଭଳି ବ୍ରଜର ଶ୍ରୀ ପ୍ରବୋଧାନନ୍ଦ ସରସ୍ୱତୀଙ୍କ ରଚିତ ଶ୍ରୀ ଚୈତନ୍ୟ ଚନ୍ଦ୍ରାମୃତ ଶ୍ରୀ ଚୈତନ୍ୟ ଚରିତାମୃତକୁ ଅତିକ୍ରମ କରି ଯାଇଛି ଗୌରବତ୍ୱ ବ୍ୟାଖ୍ୟାନରେ, ସେହିପରି ଆମ ଓଡ଼ିଶାର ଜଣେ ସିଦ୍ଧ ବୈଷ୍ଣବ ମହାତ୍ମା ଏବଂ ଏକାନ୍ତ ଗୌର ନିଷ୍ଠ ସାଧୁ ହେଉଛନ୍ତି ଶ୍ରୀ ବୈଷ୍ଣବାନନ୍ଦ ସରସ୍ୱତୀ । ଏହାଙ୍କ ଜୀବନୀ ସମ୍ପୂର୍ଣ୍ଣ ଜଣା ନ ପଡ଼ିଥିଲେ ମଧ୍ୟ ସେ ସମ୍ବଲପୁର ଅଞ୍ଚଳର ବୋଲି ଅନୁମାନ କରାଯାଏ । ଏହି ଉତ୍କଳୀୟ ବୈଷ୍ଣବ ମହାତ୍ମା ଶ୍ରୀପ୍ରବୋଧାନନ୍ଦ ସରସ୍ୱତୀଙ୍କୁ ମଧ୍ୟ ଅତିକ୍ରମ କରିଯାଇ ଯେପରି ଗୌରନିଷ୍ଠା, ଏକାନ୍ତ ଗୌରପ୍ରୀତି ଓ ଶ୍ରୀଗୌରଗୋବିନ୍ଦଙ୍କ ବିଷୟରେ ଯେଉଁ ଅନନ୍ୟ ଉଚ୍ଚକୋଟୀର ଗ୍ରନ୍ଥ ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ରଚନା କରିଛନ୍ତି ତାହା ଶ୍ରୀଚୈତନ୍ୟଙ୍କ ଭକ୍ତି ଆନ୍ଦୋଳନ ଓ ଗୌଡ଼ୀୟ ସମ୍ପ୍ରଦାୟର ଭକ୍ତିସାହିତ୍ୟକୁ ମହାନ ଦାନ । ଏହାଙ୍କ ରଚିତ କେତୋଟି ଗୌର ବିଷୟକ ଉଚ୍ଚକୋଟୀର ଗ୍ରନ୍ଥର ତାଲିକା, ଅକିଞ୍ଚନ ଏଠାରେ ଉଲ୍ଲେଖ କରୁଛି । (୧) ଶ୍ରୀଗୌର ଗୋବିନ୍ଦ ରସାମୃତ (୨) ଶ୍ରୀ ଭାଗବତାମୃତ (ଗୌରଲୀଳା ) (୩) ଶ୍ରୀ ଗୌଲୀଳାମୃତ (୪) ଶ୍ରୀ ପୁଷ୍ପୋଦ୍ୟାନ ସ୍ତବରାଜ (୫) ଭୂବନ ମଙ୍ଗଳ ତାରକ ବ୍ରହ୍ମ ଶ୍ରୀ ହରେ ଗୌର ମନ୍ତ୍ର (୬) ଶ୍ରୀ ପୁଷ୍ପୋଦ୍ୟାନ ଲୀଳାମୃତ (୭) ଶ୍ରୀ ଗୌର ସାଗର (୮) ପ୍ରେମସାଗର ବ୍ରହ୍ମଗୀତା (ସଂସ୍କୃତ) (୯) ଶ୍ରୀ ଗୌର ବିଷ୍ଣୁପ୍ରିୟା ନବକ (୧୦) ଇଂରାଜୀରେ God Goura Govinda ଆଦି ।

ଏହାଙ୍କ ରଚିତ ସରଳ ସଂସ୍କୃତ (ଓଡ଼ିଆ ଅନୁବାଦ ହୋଇନି) ପ୍ରେମସାରଗ ବ୍ରହ୍ମ ଗୀତା ଏବେ ଆମେ ଖୋର୍ଦ୍ଧା ଶ୍ରୀ ଚୈତନ୍ୟ ଗବେଷଣା ସଂଘ ପକ୍ଷରୁ ଛପାଇ ସାରିଛୁ ଏବଂ ତାଙ୍କର ଅପୂର୍ବ ଗ୍ରନ୍ଥ ୩୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ପଦ୍ୟାକାରେ ରଚିତ ଦୁର୍ଲ୍ଲଭ ଗୌରତତ୍ତ୍ୱ ଲୀଳାଗ୍ରନ୍ଥ 'ଗୌର ସାଗର' ଛପାଯିବାର ସମସ୍ତ ବ୍ୟବସ୍ଥା ହୋଇଛି । ଏହି ଗୌରସାଗର ଗ୍ରନ୍ଥ ପାଠ କଲେ ଉତ୍କଳରୁ ଯେ କିପରି ଶ୍ରୀଗୌର ଲୀଳାଗ୍ରନ୍ଥ ଯାହା ସମାନ ଏ ପର୍ଯ୍ୟନ୍ତ କୌଣସି ଗୌରଲୀଳା ଗ୍ରନ୍ଥ ପ୍ରକାଶ ପାଇନାହିଁ ଏହା ଜଣାପଡ଼ିବ । ଏହି ମହାତ୍ମାଙ୍କ ଅନ୍ୟ ଗ୍ରନ୍ଥାବଳୀ ଆମର ହସ୍ତଗତ ହୋଇନାହିଁ । ଓଡ଼ିଶାରୁ ପ୍ରକାଶିତ ଏହି ଗୌରଲୀଳା ଗ୍ରନ୍ଥ ମାନ ଶ୍ରୀ ଚୈତନ୍ୟଙ୍କ ଭକ୍ତି ଆନ୍ଦୋଳନ ଏବଂ ଗୌଡ଼ୀୟ ବୈଷ୍ଣବ ଗ୍ରନ୍ଥ ଭଣ୍ଡାରର ଶ୍ରୀବର୍ଦ୍ଧନ କରିବା ସହ ଏଥିରେ ଥିବା ଅନେକ ନୂତନ ତଥ୍ୟ ଏବଂ ଗୌର ଗୋବିନ୍ଦ ଭଗବତ୍ତା ପ୍ରତିପାଦନରେ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ ।

=====